

diSA
ଓଡ଼ିଆ ସମାଜ
one team one dream
Journal of Odia Samaja
Volume 4, Issue 2, August 2006
ପୁରୁଷ
ଓଡ଼ିଆ ସମାଜର ମୁଖପତ୍ର
ଚତୁର୍ଥ ବର୍ଷ, ଦ୍ୱିତୀୟ ସଂଖ୍ୟା; ଶକାବ୍ଦ ୧୯୨୮, ଶ୍ରାବଣ ମାସ

ଦୂରଦୃଷ୍ଟି ଓଡ଼ିଆ ସମାଜର ମୁଖପତ୍ର

ବିଷୟ ସୂଚୀ (Table of Contents)

Title	Author	Page
ସଂପାଦକୀୟ	ମାର୍କଣ୍ଡେଶ୍ୱର ପଣ୍ଡା	3
ମୂଖ୍ୟ ନିର୍ବାହୀଙ୍କ କଲମରୁ	Biswaranjan Jena	7
ଫେରିଆସ ପ୍ରବାସରୁ	ଗିରୀଜା ବଳିଆର ସିଂହ	8
Paradigm Shift-5 Hegemony of Castes	ବିଶ୍ୱରଞ୍ଜନ ଜେନା	9
ଦେବଦାସ	ହେମନ୍ତ ଦଳପତି	11
ଗୁଲିଖଟି - ଅଂଗେ ନିଭେଇଲା କଥା କହିବି	ଅମିତ କୁମାର ମିଶ୍ର	12
ଦେହ ବନ୍ଧକ	ଭାସ୍କର ଚନ୍ଦ୍ର ମହାନ୍ତି	14
Life	Lt. Col. (Retd.) B. K. Das	15
ମଧୁ ଲଗ୍ନ	ଶ୍ରୀମତି ଦୀପ୍ତି ଦାସ	16
ହେ ମୋର	ହିପୁ ସଲ୍‌କ୍ କ୍ରିଷିଲ୍ ନାଥନ୍	17
The Song of the Sea	ଅନ୍ୱୀଷା ମିଶ୍ର	21
ଧ୍ୟାନ	ଶ୍ରୀ ସୁଭାଷ ଚନ୍ଦ୍ର ପଟ୍ଟନାୟକ	21
Snowflakes	ଆୟେଶା ମିଶ୍ର	22
ଭିନ୍ନ ପୃଥିବୀ	ଚିନ୍ମୟ ନାୟକ	23
ଶେଷ ଦୃଶ୍ୟ	ବିଳାସ ବେହେରା	31
Ancient Kalinga Trade and Commerce	ଗୌର ଚନ୍ଦ୍ର ଦାସ	31
ବଞ୍ଚିବାର ସ୍ୱପ୍ନ	ପ୍ରଶାନ୍ତ କୁମାର ଓଝା	34
Obsequious Obsequies	ପ୍ରସନ୍ନ ମିଶ୍ର	34
ମୋକ୍ଷ	ଅଭିରାମ	35
Computing for the Masses: an Enabler for Enduring Development	Priyadarsan Patra	40
ସେଦିନର ସେପାଖରେ	ଡ. ରଂଜନ ପଣ୍ଡା	41
Christopher Reeve, The Quadripligic Superman	Smita Patnaik	46
ପୂଜ୍ୟ ଗୁରୁ ଶ୍ରୀ ବସନ୍ତ ମହାପାତ୍ରଙ୍କୁ ...	ମନୋରଂଜନ ଶତପଥୀ	52
Last six months for oDisha and oDiAs Worldwide	Saubhagya Laxmi Mohapatra	53
ଦୁର୍ଘଟଣାର ଅନ୍ତରାଳରେ	ଶ୍ରୀଧର ସାହୁ	55
Crossword	ଚିନ୍ମୟ ନାୟକ	60

ଉତ୍କଳ-କମଳା-ବିଳାସ-ଦୀର୍ଘିକା
ମରାଳ-ମାଳିନୀ ନୀଳାମ୍ବୁ ଚିଲିକା ।

ଦୂରଦୃଷ୍ଟି ଓଡ଼ିଆ ସମାଜର ମୁଖପତ୍ର

Editor: Markandeswara Panda
Editorial Board: Bikash Panda, Chinmay Nayak, Debasmita Misra, Markandeswar Panda, and Satya Ranjan Dash.

Front Cover: Bikash Panda
Rear Crossword: Chinmoy Kumar Nayak

Contact E-mail: duradrusti@odiya.org
Website: http://www.duradrusti.org

ଏଇ ସଙ୍ଖ୍ୟାରେ ଟିପ୍ପଣୀରେ ସ୍ଥାନ ପାଇଥିବା ଦୁଇ ଧାଡୀ ପଦ ଗୁଡିକ କବିବର ରାଧାନାଥ ରାୟଙ୍କ ଚିଲିକାରୁ ଉଦ୍ଧୃତ କରା ହୋଇଛି ।

ବିଶ୍ୱବ୍ୟାପୀ ଓଡ଼ିଆମାନଙ୍କ ଚିନ୍ତାଧାରା ଓ ବାର୍ତ୍ତାଳାପରେ ଅନ୍ତର୍ନିହିତ ଦୂରଦର୍ଶିତାକୁ ଏକ ଲିଖିତ ରୂପାୟନ ଦେବାର ଅଭୀପ୍ସା ନେଇ ଦୂରଦୃଷ୍ଟିର ଜନ୍ମ । ଓଡ଼ିଶା ଓ ଓଡ଼ିଆ ଜାତି ପାଇଁ ସେ' ସମସ୍ତ ସଦିଚ୍ଛା ଓ ଶୁଭାକାଙ୍କ୍ଷାକୁ କର୍ମକ୍ଷେତ୍ରରେ ପ୍ରତିପାଦନ ପ୍ରଚେଷ୍ଟାରେ ସବୁ ଓଡ଼ିଶାପ୍ରେମୀ ଓ କର୍ମୋଦ୍ୟୋଗୀ ଓଡ଼ିଆମାନଙ୍କୁ ଅନୁପ୍ରାଣିତ କରିବା ଏ' ମୁଖପତ୍ରର ପ୍ରଧାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

"duradrusti" feeds on the flames of farsightedness flickering in the hearts and minds of Oriyas all over the world. As the mouthpiece of oDiA samAja (OdiSA), the journal aspires to inspire all Orissa lovers in the service of our motherland, Orissa.

ସଂପାଦକ ମଣ୍ଡଳୀଙ୍କ ଲେଖନୀରୁ...

ପ୍ରିୟ ଲେଖକ/ଲେଖିକା ଓ ପାଠକ/ପାଠିକା ବୃନ୍ଦ,

ଆପଣ ମାନଙ୍କ ସ୍ନେହ ଓ ଶ୍ରଦ୍ଧାକୁ ନେଇ, ମୁଁ ଦୂରଦୃଷ୍ଟିର ଚତୁର୍ଥ ବର୍ଷର ଦ୍ୱିତୀୟ ସଂଖ୍ୟାକୁ ଶୁଭାଗମନ ଜଣାଉଛି । ତୃତୀୟ ଥର ଲାଗି ଏହାର ସଙ୍କଳନ କରିବା ଲାଗି ସୁଯୋଗ ଲାଭ କରିଥିବାରୁ ମୁଁ ନିଜକୁ ଅତ୍ୟନ୍ତ ଭାଗ୍ୟବାନ ମନେ କରୁଛି । ଏ ବର୍ଷ, ଜୁନ୍ ଓ ଜୁଲାଇ ମାସରେ ମୁଁ ପାୟ ୪୫ ଦିନ ଲାଗି ଭାରତ (ବିଶେଷତଃ ଓଡିଶା) ଗସ୍ତରେ ଚାଲିଯାଇ ଥିବାରୁ ଦୂରଦୃଷ୍ଟି ଲାଗି ନିଜର ଅନେକ ସମୟ ବିନିଯୋଗ କରିପାରିଲି ନାହିଁ । ମୋର ସୌଭାଗ୍ୟ, ଡଃ ସତ୍ୟ ରଞ୍ଜନ ଦାସ, ଡଃ ଦେବସ୍ମିତ ମିଶ୍ର, ଓ ଶ୍ରୀ ଚିନ୍ମୟ ନାୟକ ମୋର ଏଇ ଅନୁପସ୍ଥିତିକୁ ଉପଲବ୍ଧି କରି ଅକ୍ଲାନ୍ତ ପରିଶ୍ରମ କରିଛନ୍ତି, ଯେଉଁଥି ପାଇଁ ଆଜି ଠିକ୍ ସମୟରେ ଦୂରଦୃଷ୍ଟି ର ଏଇ ସଂଖ୍ୟାଟି ଆପଣଙ୍କ ଆଖି ଆଗକୁ ଆସି ପାରିଛି । ଏଥିରେ ଶ୍ରୀ ବିକାଶ ପଣ୍ଡାଙ୍କ ଦ୍ୱାରା ଗାମ୍ୟ ଚିତ୍ରକୁ ନେଇ କରା ଯାଇଥିବା ପଚ୍ଛଦପଟ ଅତ୍ୟନ୍ତ ମନୋରମ, ଏ ବିଷୟ ରେ ଆପଣ ମୋ ସହିତ ନିଶ୍ଚିତ ଭାବରେ ଏକମତ ହେବେ । ଏଥିରେ ପ୍ରକାଶିତ ଇଂରାଜୀ ଓ ଓଡିଆ ଲେଖା ସବୁର ମାନକୁ ସମାଲୋଚନା ବା ସମୀକ୍ଷା କରିବା ମୋ ଜ୍ଞାନ ବଳୟର ବାହାରେ, ତେଣୁ ଅନେକ ଭାଷା ଓ ବ୍ୟାକରଣ ଭୂଲ୍ ରହିବା ସ୍ୱାଭାବିକ । ତେଣୁ ଆରମ୍ଭରୁ ହିଁ ତ୍ରୁଟି ଲାଗି କ୍ଷମା ମାଗି ନେଉଛି ।

ଗତ ତିନି ବର୍ଷ ଭିତରେ ଦୂରଦୃଷ୍ଟି ର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ ଲେଖା ସବୁ ଓଡିଶା ଓ ବିଶ୍ୱର ବିଭିନ୍ନ କୋଣରେ ବାସ କରୁଥିବା ଓଡିଆ ଭାଷା ପ୍ରେମୀଙ୍କ ଦ୍ୱାରା ଆଦୃତ ହୋଇପାରିଛି କି ନାହିଁ ସେ ବିଷୟରେ କହିବା ଲାଗି ମୋ ନିକଟରେ କିଛି ପମାଣ ନାହିଁ, କିନ୍ତୁ ଏହାର ଭବିଷ୍ୟତ କେବଳ ଆପଣ ମାନଙ୍କ ଶ୍ରଦ୍ଧା ଓ ସହାନୁଭୂତି ଉପରେ ନିର୍ଭର କରୁଛି କହିବା କିଁଛି ଅତିରଞ୍ଜିତ ବକ୍ତବ୍ୟ ହେବନାହିଁ । ମୋ ମତରେ, ଏଥିରେ କେବଳ ଓଡିଆ ଭାଷାର ସାହିତ୍ୟିକ ପୃଷ୍ଟବର୍ଦ୍ଧନ ଲାଗି ଚେଷ୍ଟା କରା ନ ଯାଇ ପତ୍ରିକାରେ ନୂତନ ଲେଖକ ଲେଖିକା ମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଚେଷ୍ଟା ଅତି ତୀବ୍ର ।

ଗତଥର ଓଡିଶା ଭ୍ରମଣ ସମୟରେ ମୁଁ ଅନେକ ଓଡିଆ ପୁସ୍ତକ ବିକେତା ଏବଂ କେତେକ ପକାଶକଙ୍କ ସହିତ କଥୋପକଥନ କରିଥିଲି । କେତେକ ବିଶିଷ୍ଟ ଲେଖକ, ଯଥା ଶ୍ରୀ ଗୋପାଳଚନ୍ଦ୍ର ପଟ୍ଟନାୟକ (ନାଟ୍ୟ, ଗଳ୍ପ, ଓ ଉପନ୍ୟାସ ଲେଖକ), ଡଃ ହର ପସାଦ ପରିଚ୍ଛା ପଟ୍ଟନାୟକ, ଶ୍ରୀମତି ଜୟନ୍ତୀ ରଥ, ଶ୍ରୀ ବଟକୃଷ୍ଣ ତିପାଠୀ ଇତ୍ୟାଦିଙ୍କ ସହ କଥୋପକଥନ ପରେ ମୋର ଦୃଢ ଧାରଣା ହେଲା ଯେ ନିକଟ ଭବିଷ୍ୟତ ରେ ଓଡିଆ ଭାଷାର ମୃତ୍ୟୁ ହେବା ସମ୍ଭବ ନୁହେଁ । ଚାକିରୀ କରିବା ଆବଶ୍ୟକତାକୁ ନେଇ ଓଡିଆ ପୁଅ-ଝିଅ ଇଂରାଜୀ, ହିନ୍ଦି, ବଙ୍ଗଳା ଇତ୍ୟାଦି ଭାଷାରେ ନିଜକୁ ବିଶାରଦ କରୁଥିଲେବି ନିଜର ମାତୃଭାଷାକୁ ହତାଦର କରିନାହାନ୍ତି । ସ୍କୁଲ୍, କଲେଜର ଇଂରାଜୀ, ବିଜ୍ଞାନ, ଭାଷା ବିଭାଗର ଅନେକ ଶିକ୍ଷକ ନିଜର ଅବସର ସମୟରେ ସୁଯୋଗ ଦେଖି ଗଳ୍ପ-କବିତା ଇତ୍ୟାଦି ଲେଖୁଛନ୍ତି ! ସେଇପରି, ପଶାସନ ଓ ପୋଲିସ୍ ସେବାରେ ଥିବା ଓ ଅବସର ପାପ୍ତ କରିଥିବା ଅନେକ ଦକ୍ଷ ଶାସକ ଗୋଷ୍ଠି ବି ଅନେକ ଓଡିଆ ବହି ଲେଖିଛନ୍ତି । ଆଗହୀ ପାଠକ-ପାଠିକା ମାନେ ସେମାନଙ୍କ ବିଷୟରେ ନିଶ୍ଚୟ କିଛିଟା ଅବଗତ ହୋଇଛନ୍ତି । ଏଇ ଲେଖକ ଓ ଲେଖିକା ମାନଙ୍କ ଲେଖା ଓ ବିଶେଷ ବିବରଣୀ ଜାଣିବା ଲାଗି ଡକ୍ଟର ସୁରେନ୍ଦ୍ର ମହାରଣା ଏକ ସୁନ୍ଦର ବହି, 'ଓଡିଆ ସାହିତ୍ୟର ଇତିହାସ' ନାମରେ ୨୦୦୧ ରେ ଓଡିଶା ବୁକ୍‌ଷ୍ଟୋରର ସହୋଯୋଗିତାରେ ପ୍ରକାଶ କରିଥିଲେ । ଡଃ ମହାରଣା, ଏ ବହିରେ ପାୟ ୬୭୦ ପୃଷ୍ଠା ବ୍ୟାପି ଓଡିଆ ଭାଷାର ଇତିହାସ ସହିତ ପାୟ ୧୮୦୦ କବି, ଲେଖକ, ନାଟ୍ୟକାର ମାନଙ୍କର ସଂକ୍ଷିପ୍ତ ନାମସୂଚୀ ରଖିଛନ୍ତି ।

ଅନେକ ଓଡିଆ ପୁଆ-ଝିଅ ବର୍ତ୍ତମାନ ସଜ ଅଳସ ଭାଙ୍ଗୁଛନ୍ତି । ନିଜର ଭାଷା, ସାହିତ୍ୟ, ଓ ସଂସ୍କୃତିକୁ ସମୃଦ୍ଧ କରିବା ଲାଗି ତାଙ୍କୁ ଟିକିଏ ଉତ୍ସାହ ଦେବା ହୁଏତ ଆମର କର୍ତ୍ତବ୍ୟ । ମୋର ଉଚ୍ଚ ବିଦ୍ୟାଳୟର ଇଂରାଜୀ ଭାଷାର ଶିକ୍ଷକ, ଓ ଓଡିଶାର ଅନ୍ୟତମ କବି, ସ୍ୱର୍ଗତ କୃଷ୍ଣଚନ୍ଦ୍ର ତିପାଠୀ 'ଜୟୀ ରାଜଗୁରୁଙ୍କ ଉତ୍ସାହ ବାଣୀ' ରେ ଖୋର୍ଦ୍ଧାର ଖଣ୍ଡାୟତ ବୀରଙ୍କୁ ଉଦ୍‌ବୋଧନ ଦେଇ ଯାହା ଲେଖିଥିଲେ ତାହା ସୁପ୍ତ ଓଡିଆ ଜାତି ଲାଗି ଏବେ ବି କିଛିଟା ଇନ୍ଧନ ଯୋଗାଇ ପାରିବ, ଏଇ ଆଶା ନେଇ କବିତାର କିଛି ଅଂଶ ଉଦ୍ଧୃତ କରୁଛି -

ହେ ମୋର ଖୋରଧାର ଶତ ଖଣ୍ଡାୟତ ବୀର !
ଜାତିର ଆହ୍ୱାନ ବାଣୀ
ଶୁଣି ତମେ ରହି ନାହଁ ନୀରବ ନିଶ୍ଚଳ,
ଛାଡି ପ୍ରିୟ ପୁରପଲ୍ଲୀ ଛାଡି ପ୍ରିୟ ଦରିଦ୍ର କୁଟିର
ସକଳ ବନ୍ଧନ ମାୟା

ସ୍ୱଭାବେ ଭାବୁକ-ମାନସ-ଉଲ୍ଲାସୀ
ଦିଗନ୍ତ-ବିସ୍ତାରୀ ତୋର ବାରିରାଶି ।

ଥିଲା ଯାହା
ପରିବାରେ ତବ
କାଟିଦେଇ ନିର୍ବିଚାରେ,
ଆସିବ ବୀରବେଶେ
ତାଲ ଖଣ୍ଡା ଧରି
ସମର ପାଙ୍ଗଣେ
ଏଇ ବରୁଣେଇ ତଳେ,
ସୁଦୁର ପଲ୍ଲୀର ସେଇ ଶ୍ୟାମଳ ଉତ୍ସଙ୍ଗେ
ରହିଥିବେ କନକ ପିତୁଳା ପରି
ପୁଅ ଝିଅ ତବ,
ସେ ଲୋଳ ଲୋଳିତ ଓଠେ
ଫୁଟୁଥିବ ହାସ
ଶାରଦ ଚନ୍ଦ୍ରିକା ପରି;
ସରଳ ତରଳ ବାଣୀ
ଫୁଟୁଥିବ
ବଦନୁ ତାଙ୍କରି;
ପଚାରୁ ଥିବ କେ ବୋଉ!
ବାପା ପରା ଯାଇଛନ୍ତି
ଯୁଦ୍ଧ କରି କାହିଁ ?
ଆସିବେ କି ନାହିଁ ?
କୁଟିରୁ ବାହାରି ଯେବେ-
ଆସିଥିବ ଯୁଦ୍ଧ କରି
ଟମ୍ ଟମ୍ ଶୁଣି ଏଇ ଟମକ ବାଜଣା
ଭାଇ ତାର ଦେଇଥିବ ଭାଇର ବିଦାୟ
ଆସିଥିବ ଗାଁ ମୁଣ୍ଡ ବରଗଛ ଯାଏଁ
କହିଥିବ କାନେ କାନେ
ଦେଶ ଗୌରବ ପାଇଁ,
ଜାତିର ସୁଧର୍ମ ପାଇଁ
ଦେବୁ ନାହିଁ ପଛଘୁଞ୍ଚା କେବେ !
ତୂଣୀରୁ ବାହାର କରି
ତୀକ୍ଷ୍ଣ ତୀର ମାଳା
ଦେଇଥିବ ଖଞ୍ଜି ତାର

ପ୍ରସନ୍ନବଦନା ଉଜ୍ଜ୍ୱଳବରଣା
ମୁଖଶ୍ରୀ ଦେଖନ୍ତି ଯହିଁ ଦିଗଙ୍ଗନା ।

ତୁଣୀର ଭିତରେ,
ମନେ ରଖ ମନେ ରଖ
କହିଥିବ ପୁଣି,
ଆମ ବାପା ଗୋସଁବାପା
ଥିଲେ ଯେହୁଁ ଏ ଘରର
ମୁରବି ପ୍ରଧାନ
କେତେ ଯୁଦ୍ଧେ ଯୁଦ୍ଧ କରି
ଆସିଛନ୍ତି ଉଡାଇଣ
ଗୌରବ ପତାକା
ଖୋରଧାର ଦୁର୍ଗଦ୍ୱାରୁ
ପାଇଛନ୍ତି ଶାଢୀ ଓ ଶିରପା,
ସେ ଜାତିର ସେ ବଂଶର
ନିର୍ଭୀକ ସନ୍ତାନ ତୁହି ।
କ୍ଷୁଦ୍ର ଏହି ଜୀବନରେ
ନରଖୁ ମମତା
ରଖିବୁ ମମତା ମାୟା
ବିଶାଳ ଏ ଦେଶ ପୁରେ ତୋର !
.....

ଇତି,
ମାର୍କଣ୍ଡେଶ୍ୱର ପଣ୍ଡା
ଜୈବରସାୟନ ବିଭାଗ
ଟେକ୍ସାସ୍ ମହାବିଦ୍ୟାଳୟ ଡାକ୍ତରୀ ଶାଖା
ସାନ୍ ଏଣ୍ଟୋନିଅ
ଟେକ୍ସାସ ୭୮୨୨୯, ଯୁକ୍ତରାଷ୍ଟ୍ର ଆମେରିକା
eMail: panda@biochem.uthscsa.edu

'ଦୂରଦୃଷ୍ଟି'ର ଚତୁର୍ଥବର୍ଷରେ ପଦପାତ ଏହାର ଅଗଣନ ପାଠକ-ପାଠିକା ତଥା ଲେଖକ-ଲେଖିକାଙ୍କ ଉଦାର ସମର୍ଥନ ଯୋଗୁଁହିଁ ସମ୍ଭବ ହୋଇଛି । ଏହାର ଉତ୍ତରୋତ୍ତର ଉନ୍ନତି ପାଇଁ ଆପଣଙ୍କ ସୁଚିନ୍ତିତ ମତାମତଆମର କାମ୍ୟ ।

ନୀଳ ଅଙ୍ଗ ତୋର ଚିତ୍ର ଅନ୍ତରାଳେ,
ନାସି, ନଳବନ, ଶୈଳ, ଦ୍ୱୀପମାଳେ ।

ଓଡ଼ିଆ ସମାଜର ମୁଖ୍ୟ ନିର୍ବାହୀଙ୍କ କଲମରୁ ପଦେ



I'm excited to announce the release of *Duradrusti* August 2006 issue and congratulate the *Duradrusti* Team for their extraordinary team work for this issue. This issue of *Duradrusti* is a special one as it has gone through a lot of special circumstances including the reformation of the team due to organizational needs. Such changes has not only made us viable to obtain long term goals but also open up its doors for the new aspirants who have not only contributed immensely but also realized such actions are worthy for the future of *Duradrusti*.This issue covers a whole lot of areas and tries to focus on different social issues pertaining to various corner of Orissa both subjectively and objectively. One of such actions is interview with ground level individuals who have daily struggle for survival. Also new features like "*Readers Column*" have been added to provide the insight of our readers mind. Hope once again it fulfills and stands to the mark in meeting the expectations of our readers.

At the end I'm proud to be part of such great endeavors and once again congratulating the *Duradrusti* Team for their successful achievement. I thank to all *Duradrusti* readers for their all time support which keeps us to deliver.

Best wishes!

Biswaranjan Jena
CE, Odia Samja



(BISWARANJAN JENA)
Chief Executive of Odia Samaja
biswaranjan_jena@yahoo.com

ଦକ୍ଷିଣେ ମିଶିଛି ତୋର ଗର୍ଭେ ଆସି
ସୌରକରୋଦ୍ଭାସୀ ନୀଳ ରମ୍ଭାନାସୀ ।

ଫେରିଆସ ପବାସରୁ

ଗିରୀଜା ବଳିଆର ସିଂହ, ଭାରତ



ଗିରିଜା କୁମାର ବଳିଆରସିଂହ ଡିସେମ୍ବର ନ, ୧୯୫୪ ଖୋର୍ଦ୍ଧାରେ ଜନ୍ମ । ବର୍ତ୍ତମାନ ସେ କଟକରେ ନିବାସିତ । ଲେଖିବା କଳା ତାଙ୍କର ବାଲ୍ୟକାଳରୁ । ସପ୍ତମ ଶ୍ରେଣୀରେ ପ୍ରଧାନମନ୍ତ୍ରୀଙ୍କ ସହ ସାଖ୍ୟାତ କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା ଏହି ଲେଖିବା କଳାଠାରୁ । ୧୯୮୨ରେ ତାଙ୍କର କୌଅ ମିଥୁନ ପ୍ରକାଶିତ ପାଇଥିଲା । ଓଡିଆ ସମ୍ବାଦପତ୍ର -- ପ୍ରଜାତନ୍ତ୍ର, ପ୍ରଗତିବାଦୀ, ଓ ସମ୍ବାଦରେ, ସେ ଉପସଂପାଦକ ଭାବରେ ସଫଳତା ସହିତ କାର୍ଯ୍ୟଭାର ଗ୍ରହଣ କରିଥିଲେ । ତାଙ୍କର ଅନେକ କବିତା ଓ ପୁସ୍ତକମାନ ପାଠକମାନଙ୍କ ଆଗରେ ସୁପରିଚିତ । ଦୂରଦୃଷ୍ଟି ତାଙ୍କର ଏହି ପ୍ରଥମ କବିତା ପ୍ରକାଶ କରିବାର ସୁଯୋଗ ପାଇଁ କୃତଜ୍ଞତା ଅର୍ପଣ କରୁଅଛି ।

ହେ ପକ୍ଷୀ ଭାରତବର୍ଷ ! ପର ଝାଡ଼େ
ପଉଷର ଶୀତ ...
କବନ୍ଧର କଟକରେ କାଆ କାଆ, କୂଉ କୂଉ କାଇଁ ?
ଗୋଧୂଳିର ଗାଆଁ ତୁମ ଗାଇଯାଏ ଗତାୟୁର ଗୀତ ...
ଜଡ଼ର ଏ ଜଂବୁଦ୍ୱୀପେ ଝଡ଼ ଉଠେ ...
ଜହ୍ନ ଉଏଁ ନାଇଁ !

ବିତୁ ପଛେ ବଡ଼ିଭୋର୍ ... ସକାଳଟା
ସଂଜ ପଛେ ହେଉ
ଉଡ଼ିଆସ ଆସମାନୁ - ମାଟି ମାଗେ କଅଁଳ କୂଜନ
ଡାକେ ଚାଳ । ଡାକେ ଡାଳ ।
ଡାକିଯାଏ ଦରିଆର ଢେଉ

ଚଉଦିଗେ ଚଞ୍ଚୁ ତୁମ ଛାଇଦେଉ ଚଟୁଳ ଚୁମ୍ବନ !

ତୁମରି ଥଂଟର ଗୀତେ ଜାଗୁ ଜମି, ନିଦ ଭାଂଗୁ ନଈ
ଚେଇଁଉଠୁ ଚଉହଦି ... ଫାଟିପଡୁ ପୁରୁଣା ପାଚିରି ...
ବୁଜା ହେଉ ବାକିଖାତା ... ଚିରିଯାଉ ଛିଂଡା ଚେକ୍‌ବହି
କାନରୁ କାନନ ଯାଏଁ - କଥା କୁହୁ କିଚିରି ମିଚିରି ।

ହେ ପକ୍ଷୀ ଭାରତବର୍ଷ ! ଡେଣା ତୁମ,
ନ ମାନୁ ଡରାଣ ...
ଫେରିଆସ ପ୍ରବାସରୁ ... ତୁମକୁ ଏ ମୁଲକର ରାଣ ॥

-- 0 --

ବିମାନ ଆକାରେ ଭାସେ ଶତ ଶତ
ନୀଳୋରସେ ତୋର ଶୈଳ ମାରକତ ।

Paradigm Shift-5

Hegemony of Castes

Biswaranjan Jena

ବିଶ୍ୱରଞ୍ଜନ ବାବୁ ଦୂରଦୃଷ୍ଟିର ପାଠକ ମାନଙ୍କ ସୁପରିଚିତ "Paradigm Shift" ପ୍ରବନ୍ଧମାଳାଟିରେ । "Paradigm Shift" ପ୍ରବନ୍ଧଗୁଡିକ ଓଡିଆ ବୁଦ୍ଧିଜୀବୀଙ୍କ ମଧ୍ୟରେ ଏକ ନୂତନ ଓ ଆଧୁନିକ ଚିନ୍ତାଧାରେ । ଏହି ଚିନ୍ତାଧାରାରେ ଯଦି ଆମେ ସମସ୍ତେ ଅବଗତ ହୋଇପାରିବା, ତାହାହେଲେ ଆମେମାନେ ଅଧୁନିକ ଚଳଚଞ୍ଚଳ ସମାଜରେ ଆମର ସ୍ଥାନ ବଜାୟ୍ ରଖିପାରିବା । କହିବା ବାହୁଲ୍ୟ ଯେ ବିଶ୍ୱରଞ୍ଜନ ବାବୁ ଓଡିଆ ସମାଜର ପୃସଠପୋଷକ ଭାବରେ ଦୂରଦୃଷ୍ଟି ସହିତ ଅନ୍ତରଙ୍ଗଭାବରେ ଜଡିତ ।

If one look to the ancient Indian Vedic Civilization, you will find that it talks about equality "*Vasudhaika Kutumbakam*", means "*One World One Family*". The Vedic civilization was more liberal in providing equal status to the people. The Gita too, preached the equality of all souls even though the so called Lord Krishna himself created the four hypothetical classes in the human society on the basis of **GUNA** & **KARMA**, i.e., based on the ability & job performance of an individual. These hypothetical four classes are known as *Brahmana* (intellectuals and priests), *Kshatriya* (rulers and warriors), *Vaishya* (agriculturists & business persons), and *Shudra* (other workers) in a given society. These four classes were further redefined by our so called great saint Manu by segregating further into "*Jati*", "*Varna*" and "*Gotras*" and which enforced one's "Jati"/ "Varna" / "Gotra" **BY BIRTH** which is completely contrary to the four classifications mentioned before. Such redefinition of classes has gave birth to the caste systems of India.

It is quite natural certain groups have exploited and monopolized certain trades which helped caste based discrimination to get a strong hold in the society. During the Muslim Rules & British Rules new kind of discrimination too has been gifted to the society based on communal and feudalistic basis. As a result of such mixtures it produced various pathetic & unusual issues such as the Parda systems, Talaq system, child marriage, Sati Daha Pratha, formation of Arya Samaja and Brahmo Samaja, awarding titles based on one's loyalty, like Das, Nayak, Pattnaik, Praharaj, Sahu and so on along with untouchabilty, harijanas/ adivasis etc., which advanced further discrimination in the Indian society.

Even today the values of the caste system are held strongly among the Indians by high virtue. Even though India has a political system of democracy along with a secular constitution, but in daily life it has little adherence to the notions of equality. But the behavior towards one another is constantly shaped by this knowledge of relative ranking of castes in every corner of the society. And the very example is, as soon as you mention that you are a Hindu, be prepared to answer the next question that which caste you belong to or what's your surname.

Upper castes consider lower castes as ritually and spiritually unclean. Marrying someone from a different caste is

ବଚନବିକ୍ଷୟ୍ ନୁହଇ ଏ ଛବି
ହୃଦ ସେ କେବଳ ପାରେ ଅନୁଭବି ।

generally unrecognized. The end result of such mischief sometimes leads to social barriers /isolation/cruel punishment and even elimination (called as a pride killing). There is no doubt the caste system is and was abused and exploited over the ages and times by the dominant intellectuals and rulers of the society referred as upper castes. Still there are arguments that caste is for good as it is defined by God and is a feature of Hindu pluralism, it preserve the inherited tradition and culture as these caste groups retain their own religious, wedding, funeral, culinary practices, and language etc., it enables each group to retain their identity while collaborating and co-existing with a multitude of other groups. Whether one admits or not, throughout India, individuals are also empowered & ranked according to their castes and the community they belong.

Fortunately today Indian society is shifting it's paradigm on castes, the very reflection of such break downs of barriers can be seen and felt in the city areas. Devils like "Untouchability", "Child Marriage", "Pardha System", "Sati Daha Pratha" etc has been abolished by laws. Even though loyalty to a caste is much harder to eliminate as it still provides a sense of community and belonging but similar laws and rules needs to be considered for its elimination. Creating and justifying the reservation systems in any form in the name of upliftment is not the solution. For a while it might seems to be working but in the long run it is just reversing the trend of such discriminations.

However, an individual's shift of paradigm, awareness and realization is the key along with its practical implementation in daily life are the only suitable solution for a social balance as well as social harmony in the long run. Such kind of people from all castes including so called upper caste and non-upper caste have joined hands to eradicate such systems in the society by marrying from one-another castes, removing their surnames from their names, allowing the untouchably to worshiping in the temple, recognizing individuals by their personality and capabilities instead of their caste or surname etc. While these changes are happening at one end, at the other end there are people from all these castes still do not want to give up their "Hegemony of Caste" for one or another reason, while politicians are taking full advantage to exploit the "divide and rule policy" in order to remain in power. Some upper caste feels they are superior and most non-upper caste thinks they can take advantages of the reservation policy.

During this constant friction between these two layers, the real looser is the real poor across all castes. While the percentage of non-upper caste is higher then the upper caste, it is over shadowing the sufferings of the upper caste poor and at same time the percentages of red-tapes occupied by upper caste is higher then non-upper castes, which is another factor of the easy exploitation by the upper non-upper castes. But the question again is what we are doing to prevent it? Some may volunteer as it is the part of the process or game. But ultimately it is you, me and others who can prevent such occurrences from happening. This can be done through changing the paradigm of our thinking process and adopting the right preventive approaches such as Uniform Civil Code or similar laws, which not only perform preventive actions for such exploitation by individual or groups

ଭାରତୀ-ଭକତ କେଉଁ ରୂପପାୟୀ
ତୃପ୍ତ ହେବ ଏହା ଥରେ ମାତ୍ର ଧ୍ୟାୟୀ ?

but also would enforce affirmative actions across the society irrespective of one's caste and creed. For this to occur each member of the society might have to sacrifice from different perspectives and work towards a better future if not for us at least for the next generation to come, as the result of such approach may not be immediately visible to us.

-- 0 --

ଦେବଦାସ

ହେମନ୍ତ ଦଳପତି
ସରକାରୀ ୟୁ.ପି ସ୍କୁଲ୍ , ଘୁନା
ଘୁନା, ଗୁଡଭେଲା, ବଲାଙ୍ଗୀର୍

ତିରିଶ ଟଙ୍କାର ମାଲିକ
ପୁରୁଣା ଜିନ୍ସ ଝୁଲୁଛି କାନ୍ଥରେ ।

ସେ ତିରିଶରେ ଗୋଟେ ଯାଦୁଥାନ୍ତା କି ଚନ୍ଦ୍ରମୁଖୀ
ତୋ ଝିଅ ଉଠି ବସନ୍ତା ଖଟରୁ,
ପୁଅ ପେଟକୁ ମିଳିଯାନ୍ତା ଭୋକ ଶୋଷ ଲଡୁ
ଛଟେଇ ସ୍ୱାମୀକୁ ଫେର୍ କାମ ମିଳନ୍ତା
ବାସ୍ ସେ ତିରିଶ ଟଙ୍କା
ତୋ ହାତରେ ଭରି ଦେଉଥିଲେ
ଡାଲି ଚାଉଳ ଭଳି
ଦେହକୁ ତୁ ମେଲି ବସନ୍ତୁନି ଗଳିରେ ।

ସେ ତିରିଶରେ ଗୋଟା ଯାଦୁ ଥାନ୍ତା କି ଚନ୍ଦ୍ରମୁଖୀ
ଖୋଲନ୍ତାନି ଏ ବନ୍ଦ କବାଟ, କି ତୋ ବାହୁ ବେଡ
ଟ୍ରାଂଜିଷ୍ଟରରୁ ଜମାରୁ ଲିଭନ୍ତାନି ବେଗମ୍ ଅକ୍ତାର୍
ଶତ ଚୁମ୍ବନ ପରେ, ମନର ମହୁଲି
ଓଠର ଲାଲି ପଡୁ ନଥାନ୍ତା ଫିକା
ସେ ତିରିଶରେ ହିଁ ରାଜି ହୁଅନ୍ତୁ
ଜୀବନ କାଳ ଏମିତି ମହୁ ଢାଳିବା ।

ନିଦରୁ ଉଠନ୍ତାନି ସୂର୍ଯ୍ୟ
କି ମୁଁ ଦେଖନ୍ତନି ଘର
ଘରର ଫଟାକାନ୍ଥ
ବାପା ବା ବାଘ
ଝରକାରୁ ଦିଶୁଥିବା ଅପହଞ୍ଚ ଚାନ୍ଦ
ମୋର ଅକର୍ମଣ୍ୟ ଗୋଡ ହାତ

ଶେଷରେ ବାରିପଟ ଦେଇ
ଉଠିଆସେ ନିଲୁଜ ସୂର୍ଯ୍ୟ
ତୋ ବ୍ଲାଉଜ୍ ଭିତରେ ଚାପି ହୋଇ ଯାଏ
ସେ ତିରିଶର ଯାଦୁ କାଗଜ
ମୋତେ ଗୁମ୍ଫାରୁ ଠେଲି ଫେରିଯାଉ

ଆହା, ଏ ଶୋଭାର କାହିଁ ପଟାନ୍ତର ?
ଥିଲେ ଥିବ ସ୍ୱର୍ଗେ, ମର୍ତ୍ତେ ଅଗୋଚର ।

ତୋ ଆଡେ ଆଁ କରିଥିବା
ପୁଅ, ଝିଅ, ସ୍ୱାମୀ ପାଖକୁ

ମୋତେ ବାହାରେ ଆଁ କରି ଡାକିଥାନ୍ତି
ସୂର୍ଯ୍ୟ ଓ ସଂସାର !

-- 0 --

ଗୁଲିଖଟି - ଅଂଗେ ନିଭେଇଲା କଥା କହିବି

ଅମିତ କୁମାର ମିଶ୍ର

ଅମିତ କୁମାର ମିଶ୍ର ଦୂରଦୃଷ୍ଟିର ସୁପରିଚିତ ଲେଖକ । ସେ ଦୂରଦୃଷ୍ଟି ସଂପାଦକ ମଣ୍ଡଳୀର ଅନ୍ୟତମ ସଦସ୍ୟ । ଗତ କିଛି ସଙ୍ଖ୍ୟା ହେଲା ଲେଖି ଆସୁଛନ୍ତି । ସେ ପ୍ରବାସୀ ଓଡିଆ ହେଲେ ବି ବାରମ୍ବାର ଓଡିଶା ଭ୍ରମଣରେ ଯା'ନ୍ତି । ତାଙ୍କର ପର୍ଯ୍ୟବେକ୍ଷଣ ଶକ୍ତି ଅତ୍ୟନ୍ତ ତୀକ୍ଷ୍ଣ । ଅନେକ କିଛି ଯାହା ସାଧାରଣ ଲୋକେ ଅନୁଭବ କରି ନ ପାରିବେ ସେ କରିପାରନ୍ତି । ସାକ୍ଷାତ୍‌କାରୀ ସଙ୍ଗରେ ଅନ୍ତରଙ୍ଗତା ପ୍ରତିଷ୍ଠା କରି ତାଙ୍କର ଅନ୍ତଃଦୃଷ୍ଟି ପ୍ରକାଶିତ କରିବାରେ ସେ ପାରଙ୍ଗମ । ଏଥର ସେନ୍ତକ ଅନାମିକା ଅଟୋରିକ୍ସାବାଲା ସହିତ ଭେଟିଥିଲେ ।

We have shifted recently to old town, the real face of *Bhubaneswar*-aboriginal!! Everything is so nice except for the fact that its so far off the center of the city. After lots of contemplations, I decided to discover the mass-media of transport. I had a very bad experience with town-buses in the city. They seem to stop at each junction for ages, to fill up their hungry tummies with worrying passengers. Compared to them, the neo-transport tool of line-auto seemed a very nice option. And then started my almost-daily commutation from B*adheibanka* to *Rajmahal* and back. And by almost each night I would have some nice stories from the lads driving the auto-rickshaws.

That night it has been a bit late, and I did not dare to go on line-auto to home. And I reserved an auto, whose driver was Bijay; Bijay should not have been more than 23. Initially there followed some chat, which we can term as the ice-breaking process. In this process, I always find my proficiency over "*suddha odiA do-akshyari*", of immense benefit. Common! I know its bad to use such foul language. But when you have just 20 minutes to talk and the other party has all reasons to feel inferior, there is hardly any other option left at disposal! Thanks to my REC ragging sessions, I never have imagined that those alternate degrees in abuses could come so handy at some later days in life.

After initial ice-breaking, I asked about life to Bijay. To which he promptly showed his pan-infested teeth, and told, "*bhAi*, life is miserable as ever; and more so during night times". Then he secretly drew my attention to something lying near his feet. I could faintly make out a rough rusty iron rod!! I was alarmed!! Bijay continued his talk with no change of tone, "these jobless street heroes of today; &^%%* have no other business than putting their hand here and there and drinking. And to add to that they get the golden friendship of some minister-son or MLA-son. And this combination make life hell for all of us".

ପାସୋରିବ ଦେଖି, କହ, କେହୁ ଜନ
ଏ ଶୋକ-ପାସୋରା ଅପ୍ସରାଭୁବନ ?

Well such things, I have heard many times, but never from a first hand reporter! “I always try to avoid these bastards. If in their senses, they wont demand more than a hundred rupees. But if out of control, they become real menace. And being out of sense, they wont understand anything and taking the life of an auto-driver is not hell of a big deal for them. Those who have big fathers, they fear none. And those who have none, have again none to bother for. Therefore *bhAi,* almost all of us keep some self-protection instruments”.

I asked in awe, “Have you ever faced anything like that”. “Why not? Three months ago, a few of those road heroes attacked me, and *Lingaraja bharasA*, I could escape only with a black eye”. “And they”, asked I. “Two of them escaped and another two had a broken arm each”, told my hero, smiling. “Police case?” “Who will file the case *bhAi*? All those were out!!” After a minute or so, he added in the air of some enlightened guru, “and you know *bhAi*, in front of this rod, knifes are completely useless. With knifes, they are more of trouble for you, than help. There is police checkup, and moreover if you don't know how to use it, you help your attacker”.

My house was approaching, and I asked Bijay to stop. Before leaving he told, “You could have taken a line auto from *Mastercanteen* to *Kalpana* and from *Kalpana* to *Mandira*. You could easily have saved twenty rupees! May be you are new.” I bid bye to Bijay, smiled a foolish smile. My mind ran many ways random. Comparing Bijay with the horrific auto-walas of Bangalore, Chennai, Delhi, Pune... the so called developed cities. The simple smile which I have never seen on any face in my two years' stay in West. The struggle for life, which has not only made people like Bijay sturdy, but also given them the complacency of Zen-monks!

May be just this driver was good? No! I saw almost 27 different auto-drivers in my short stay. And none was an exception. Why, the other day I saw Tuna. Tuna's story was a bit different. While passing the Kalpana chhaka, he made a strange face. On asking he said, “that police loka you see *bhAinA*, is a real M*****”. Tuna must have been hardly 19 or 20. I could smell a fresh story, and added, “hey! He looks like an SI, with two stars. What can he do to you?”

“Three days ago *bhAinA*, it was morning time and I have had just two trips. And this fellow stopped me and asked me to park my auto to the side. Then he told nothing and kept on gathering each empty auto that was coming that way. Then he asked for our papers. I always have all my papers ready *bhAinA*. In fact all of us had everything in line. Then he asked for four hundred rupees each! Can you believe it *bhAinA*? Had it been the end of the day, may be we would have had that amount of money. But at 10am? I told him that all my papers are in order. To that he started abusing me and asked me to give Rs500! And you wont believe *bhAinA*, he scared us that he will take all our autos to *thAnA*, because they were parked in wrong place!! And it will take another two days to get my auto out, which mean loss of two days' income. Then all of us decided to pay forty rupees each, which he strongly refused. Finally it was settled for sixty rupees each.”

“And you escaped”, asked I. He smiled a Sherlock Homes smile, and told, “*bhAinA* I secretly saw what that £%$$” will do next. And you wont believe, he went to the shop and got *thandA* for all his helper corps (who were all ladies!)”. I could not help saying “you are so smart!” To that he took a big air of pride and elaborated, “But my cousin, *bhAinA*; he came just few days ago to drive. Was similarly caught by a police-loka. And he got pissed off and went back to village yesterday”. I had to get down, as my destination has come.

Nor do I blame the street heroes nor the police-loka. Nor do I praise Bijay nor could I appreciate Tuna. I have gone to see for what is

ଶୋଭାରାଶି ଫୁଟି ଅନ୍ତରୀକ୍ଷେ, ସ୍ଥଳେ,
ତହୁଁ ତୋ ତରଳ-ବକ୍ଷେ ପ୍ରତିଫଳେ।

that which is lacking and which could be done for my people. I saw a very complex and beautiful amalgamation of all sorts of people and sentiments, building the odiA society of today. Life is a struggle. And this sentence is no less true in east or west. But that simple smile is still there intact in the lips of Bijay and Tuna. I kept on wondering, were it they who needed light from my western experience, or is it me who needed some lessons from them, which I had missed during the days when I was a part of this society?

The next day I happened to see Bijay again. And I was in dhoti, as I was going to Mandira. With that straight-from-heart-smile he asked, "*kan bhAinA Aji ie ki besa*".

-- 0 --

ଦେହ ବନ୍ଧକ

ଭାସ୍କର ଚନ୍ଦ୍ର ମହାନ୍ତି
IIT Madras, ଭାରତ

ତମକୁ ଧନ୍ୟବାଦ
ଯେହେତୁ ସ୍ୱୀକାର କଲ
ନାନା କଳଙ୍କର ଭୟ ସତ୍ତ୍ୱେ
ମୋ ଦେହ ବନ୍ଧକ
କଅଁଳ ପତ୍ରରୁ ରଙ୍ଗ
ଧୀରେ ଧୀରେ ହଜିଗଲା ପରି
ମୋ ବୃଦ୍ଧ ପତୀଙ୍କ ରୋଗଗ୍ରସ୍ତ
ହଜୁଥିବା ଆଖିର ଚମକ
ବଞ୍ଚେଇ ରଖିବା ପାଇଁ
ମୋ ପାଖରେ କି ଉପାୟ ଥିଲା
ତମ ପାଖେ ଋଣ ପାଇଁ
ଏ ଦେହକୁ ବନ୍ଧକ ରଖିବା ବ୍ୟତୀତ ?

ଏ ମନ ନଈର ଯେତେ
ଘାଟ ଓ ଅଘାଟ
ଯେତେ ତୁଠ ଓ ଅତୁଠ
ଯେତେ ଭଟା ଓ ଜୁଆର
ଚିହ୍ନିବାକୁ ତାଙ୍କ ପାଖେ
ନିଶା ଓ ପଶାଠୁ ଅବା
କେବେ ମିଳିଥିଲା ତର ?
କ୍ରମେ ଯେବେ ସଞ୍ଜ ଭଳି
ହଜି ହଜି ଗଲେ ତାଙ୍କ
ଧନ ଓ ସମୟ
ମୋ ଜହ୍ନ ରଙ୍ଗର ଦେହ
ହେଉଥିଲା କ୍ଷୟ
ଏଇ ଟିକକ ଆଶାରେ
କେବେ ଦିନେ ନିଶ୍ଚେ ସେ କହିବେ
ମୋ ଶୋଷ ହରେଇଥିବା
ଓଠକୁ ହଲେଇ
ସପନ ଦରିଦ୍ର ମୋର ଆଖିପତା ଉପରେ

ସୂକ୍ଷ୍ମ ହେଉଥାଏ କ୍ରମେ କ୍ରମେ ସ୍ଫୀତ
ଏକ ବର୍ଣ୍ଣ ନାନା ବର୍ଣ୍ଣେ ବିଭାସିତ ।

ଶିରାଳ ହାତକୁ ବୁଲେଇ

-'ଡେରିକଲି, ଡେରିକଲି
ଫେରିବାର ଥିଲା ମତେ
ବହୁତ ଆଗରୁ ।

ଏଇ ଟିକକ ଆଶାରେ
ତାଙ୍କ ଯାବତୀୟ କବିରାଜୀ
ଔଷଧ କିଣାରେ ବ୍ୟୟ ହେଲା

ଯେତେକ ମୋ ରାତିଭଳି
ଲମ୍ବା ଦୀର୍ଘଶ୍ୱାସ
ଚିବୁକ ଉପର ଦେଇ
ବହୁଥିବା ଲୁହ
ଯନ୍ତ୍ରଣା ଚିତ୍ରିତ ମୋର ଆଯୁଷ ।

ମୋ ପାଖେ କ'ଣ ଆଉ
ଥିଲା ରଖିବାକୁ
ମହାଜନ ପାଖରେ ବନ୍ଧକ ।

-- 0 --

Life

Lt. Col. (Retd.) B. K. Das
Adviser, Union Public Service Commission
New Delhi, India

Life is a smile or tear,
Based on your care or fear,
SAD SONGS ARE SAID TO BE SWEET,
Songs of joy are ever bright.

Some say life is a bore,
Others live it to the core;
One says it is apprehension,
To another it is satisfaction.

Some adore "slings and arrows
of outrageous fortune" of Hamlet
George Bernard Shaw's Pygmalien to others
great;
One lives grave and serious,
Another jocular and serious.
But to an artless bird or beast,

Life is always a feast;
They say all's right in world.
They set life in one mould.

Who says animals see no reason.
They are in ethernal prison.
They do not think or feel,
Within the dull frames of steel.

But think ye man feeling Great,
Man of age in constant fret,
Or Fins, Wings, Horns immaculate,
Who enjoy life in merriment.

Your vanity makes you feel high,
Reaching the summit and the sky;
Be ye little man humble in seeth;
'Truth is Beauty, Beauty is Truth'.

-- 0 --

ପଲକେ ପଲକେ ହୁଅଇ ପ୍ରକାଶ
ଛାୟା ଆଲୋକର ଅପୂର୍ବ ବିଳାସ ।

ମଧୁ ଲଗ୍ନ

ଶ୍ରୀମତି ଦୀପ୍ତି ଦାସ
ଅରୁଡ଼ ବଜାର, ବାଲେଶ୍ୱର

ଶ୍ରୀମତି ଦୀପ୍ତି ଦାସ ମୁଖ୍ୟତଃ କବି । ତାଙ୍କର ଅନ୍ୟତମ କବିତା ସଙ୍ଗ୍ରହର ନାମ ହେଲା ଏକାକି କୃଷ୍ଣଚୁଡା, କହିଲି ବୋଲି, ଜନ୍ମର ଝରଣା । ଉପନ୍ୟାସ ଅନ୍ଧ ଗଳିର ସୂର୍ଯ୍ୟ । ସେ ବର୍ତ୍ତମାନ ବିଚାରକ ଭାବରେ ବାଲେଶ୍ୱର କଞ୍ଜୁମ୍‌ର କୋର୍ଟରେ ଅବସ୍ଥାପିତ । ସେ ତାଙ୍କର ସ୍ୱାମୀ ଓ ଦୁଇ ପିଲାଙ୍କର ସହିତ ସହବାସ କରନ୍ତି ।

ଦ୍ୱିତୀୟ ତିଥିର ଜହ୍ନ
ଧୀରେ ଧୀରେ ଉଇଁଲା ଆକାଶେ
ମୋ ଆଖିର ନୀଳହୃଦେ
ନୀଳ ପଦ୍ମ କଳି
ମହକା ମନର ମହମ ଜାଳି
ତାରା ଫୁଲ ତୋଳି ତୋଳି ।

ଅପେକ୍ଷାର ମଧୁବନେ
ସଜାଇଲା କୋମଳ ବାସର
ଆସିବ ଆସିବ ବୋଲି
ଚନ୍ଦ୍ରଭାନୁ
ଆତୁର ଉଁଅଇ
ତୁମ ଗାଁ ମଧୁବନେ ।

ସେ ମଧୁ ମାଳତୀ ଦିନେ
ମୋ ହୃଦର ଫୁଆରେ
ଢାଳିଦେଲା ସୁହାଗ ସିନ୍ଦୁର
ଜୀବନ ବୀଣାରେ ବୋଳି
ଝିରା ଝିରା ଶାବଣର
ଅଧୀର ମଲ୍ଲାର ରେଣୁ
କୋମଳ ଗାନ୍ଧାର ।

ସେ ମଧୁ ମାଳତୀ ମୋତେ
ସଜାଇଛି ବଧୂଟିଏ
ମୋ ଆଖିରେ ଭରିଦେଇ
ପ୍ରୀତିର ସେ ଗହନ ଅଂଜନ
ମୋ ନିଃଶ୍ୱାସ ନିଘନେ ବନେ
ନିରବଧୂ ନିକାଞ୍ଜନେ
ପିୟାସୀ ମିଳନ ଋତୁ
ଲାଗି ଖାଲି ମହ ମହ
ଚନ୍ଦନ ଚନ୍ଦନ .....

-- 0 --

ସାୟଂନ୍ତନ-ଘନ ଖେଳଇ ଗଗନେ
ସୂର୍ଯ୍ୟାସ୍ତର ଐନ୍ଦ୍ରଜାଲିକ ବରଣେ ।

ହେ ମୋର

ହିପୁ ସଲ୍‌କ୍ କ୍ରିଷିଲ୍ ନାଥନ୍
IGIDR, hippuhere@yahoo.co.uk

ହେ ମୋର ସ୍କୁଟି -- କାଇନେଟିକ୍ ଚଢୁଥିବା ଭଉଣୀମାନେ ଓ ସାଇକେଲ୍ ଭିଡୁଥିବା ଭାଇମାନେ ।

କଟକ ସହର । ଜୁଲାଇ ମାସ ରବିବାର । ରାତିରେ ଭିଜିଥିବା ବର୍ଷା ସକାଳ । ସହରର ନାଳନର୍ଦ୍ଦମାର କୁଳୁକୁଳୁ ନାଦର ପୃଷ୍ଠଭୂମିରେ ଚିହ୍ନା ମାଛବାଲାର ଡାକରେ ମୋ ମନ ବାରମ୍ବାର ଖବର କାଗଜରେ ଡୁବୁଥାଏ ଆଉ ଉଠୁଥାଏ ।

ମାଛ ... ମାଛ ... ମାଛ ..... ମା ..... - ''ଛ'ଟା ଛାଡିଗଲଯେ' । ଖବର କାଗଜ ଆଡୁଆଳରୁ ଅଜାଣତରେ ମୋ ପାଟିରୁ ବାହାରିଆସିଲା - 'ନାଇଁ କକା ଛାଡିନି, ଏଇ ଦେଖୁନ ' - ଆଠକ ପଣିକିଆ ଅଧା ଲେଖାଯାଇଥିବା ଖାତାଟି ଖବରକାଗଜ ଓ ମୋ ଭିତରେ ଭର୍ତ୍ତିକରି ପୁପୁନ୍ କହିଉଠିଲା 'ଲେଖ୍, ଲେଖ୍ ପୂରା ଦଶକ ସରିଲେ ମତେ ଦେଖେଇବୁ ' ।

ପ୍ରଥମରୁ ୧୫କ ପର୍ଯ୍ୟନ୍ତ ଲେଖା, ମୋ ଅନ୍ୟମନସ୍କତା ହେତୁ ୧୦କକୁ ଖସି ଆସିବାରୁ ପୁପୁନ୍ ମନେ ମନେ ଖୁସି ହେଉଥିଲା ଓ ଖୁସିକୁ ଲୁଚାଇବାକୁ ଯାଇ ପେନ୍‌ସିଲ୍‌କୁ ସିଗାରେଟ୍ କରି ଖାତାରେ ଲେଖା ନମ୍ବର୍ ଗୁଡିକକୁ ଗମ୍ଭୀର ଭାବରେ ଭାବିଚାଲିଲା - ତାର ଫେବରାଇଟ୍ କାର୍ଟୁନ୍ ସୋ'ର କେଉଁ ଏକ ଚରିତ୍ର ବା ଗତ ରାତିରେ ତା'ପାଇଁ ଖୁଡି ଫ୍ରିଜ୍‌ରେ ବସାଇଥିବା ଆଇସ୍‌କ୍ରିମ୍ ସମ୍ବନ୍ଧରେ ।

ଇତି ମରେ ମାଛବାଲାର ଡାକରେ ମାଛବାଲାର ମା', ମାନେ ମୋ ଶ୍ରୀମତି ବାହାରି ଆସିଲେ । ମୋ ପରାମର୍ଶ ନେବାତ ଦୂରର କଥା ମୋତେ ପଛକରି ସିଧା ଚାଲିଲେ ମାଛବାଲା ପାଖକୁ । ଖୁଡିକୁ ଦେଖି ପୁପୁନ୍ ମୋ ଆଖିର ନିର୍ଦ୍ଦେଷକୁ ଅମାନ୍ୟ କରି ଗେଟ୍ ପାଖକୁ ଧାଇଁଗଲା ଓ ମାଛବାଲା ଖୁଡି ମଧ୍ୟରେ ସମାନ ବ୍ୟବଧାନ ରଖି ତରାଜୁକୁ ଚାହିଁରହିଲା ଯେପରି କ୍ରେତା ଓ ବିକ୍ରେତା ମଧ୍ୟରେ ଅବୁଝା ବଣାର ଶେଷ ନିଷ୍ପତିର ଦାୟିତ୍ୱ ତା ଉପରେ । କେତେଟା ମିନିଟ୍ ଭିତରେ ଶ୍ରୀମତି ଯେଇମିତି ପଛକରି ବାହାରକୁ ଯାଇଥିଲେ ସେଇମିତି ପଛକରି ଭିତରକୁ ପଶିଗଲେ । 'ଗୃହ' ସହିତ 'ଅର୍ଥ' ବିଭାଗ ଶ୍ରୀମତୀଙ୍କ ହାତମୁଠାରେ ଥିବାରୁ ତାଙ୍କର ମୋ ଆଡକୁ ଚାହିଁବାର ଆବଶ୍ୟକତା ନଥିଲା ।

ଠାବେ ଠାବେ ଅଭ୍ରଖଣ୍ଡ ସ୍ୱର୍ଣ୍ଣକାନ୍ତି
ଶିର ତୋଳି ଶୈଳ-ଶିଖୁଁ ଝାଙ୍କୁଆନ୍ତି ।

କିନ୍ତୁ ମୋର ଅଭିଯୋଗ ନ ଥିଲା ଶ୍ରୀମତୀଙ୍କ ପାଖରେ । ବରଂ ଥିଲା ମାଛବାଲାଠି । ଆମେମାନେ, ମାନେ ଆମ ଦେଶର ସବୁ ସ୍ୱାମୀମାନେ, ଘରେ ଘରେ ସ୍ତ୍ରୀମାନଙ୍କ ଦ୍ୱାରା ପରିଚାଳିତ । ଏଥିରେ ଦ୍ୱିମତ ନାହିଁ । ହେଲେ ଆମର ପରାଧୀନତା ଓ ତତ୍‌ଜନିତ ଦୂରବସ୍ଥାର ପ୍ଲାକ୍‌କାର୍ଡ୍ ଧରି ମାଛ, ଫଳ, ପରିବାବିକାଳିମାନେ ରାସ୍ତାଟା ଉପରେ ଘରଘର ବୁଲି ଘୋଷଣାକରିବା ଅତ୍ୟନ୍ତ ଦୁଃଖଦ ବିଷୟ । ଯଦିଓ ଦୁଧବାଲାଠାରୁ ଫେରିବାଲା ପର୍ଯ୍ୟନ୍ତ ସମସ୍ତେ ଏ ବିଷୟରେ ସଂପୂର୍ଣ୍ଣ ନିଶ୍ଚିନ୍ତ ଯେ ଘରେ ଜିନିଷ କିଣା ହେବା ନ୍ ହେବାର ନିଷ୍ପତି ସଂପୂର୍ଣ୍ଣଭାବେ ଗୃହିଣୀମାନଙ୍କର, ତଥାପି 'ମା' ବଦଳରେ ଥରେ ଅଧେ 'ବାବୁ' ଡାକିଦେଲେ କଣଯେ ଏମିତି କ୍ଷତି ହୋଇଯାନ୍ତା !

ବସିବାଠାରୁ କାଶିବା ଭଲବୋଲି ବିଚାରି, ମାଛବାଲାକୁ ପଚାରି ଏହାର ଗୋଟେ ସମାଧାନ କରିବା ଗୋଟିଏ ବୁଦ୍ଧିମାନର କାର୍ଯ୍ୟ ବୋଲି ଭାବିଲି । ପାଇଜାମାର ଡୋରକୁ ଟାଇଟ୍ କରି ମାଛବାଲା ପଡିଶାଘର ଗେଟ୍ ଡେଇଁବା ପୂର୍ବରୁ ତା' ହାତକୁ ଜାବୁଡିଧରି ମୋ ଅଭିଯୋଗ ଜଣାଇଲି । ମାଛବାଲା ଯେଉଁ କୈଫିୟତ୍ ଦେଇଥିଲା ତାହାର ସାରାଂଶ ଥିଲା ଏ ପ୍ରକାରର ।

ମାଛବାଲା ଥିଲା ମୋ ପରି ଜଣେ ଅବଳାପୁରୁଷ । ଘରଭିତରେ ସ୍ତ୍ରୀର ଯୋର ସହିଯିବା ଥିଲା ତା'ପାଇଁ ନିତିଦିନିଆ ସତ୍ୟ । ହେଲେ ସେ ବି ବୁଝିଥିଲା ଏହାର ବ୍ୟତିକ୍ରମ ଘର ବାହାରେ ହୁଏ । ଠିକ୍ ଯେମିତିକି ଛୁଆଙ୍କୁ ସମ୍ଭାଳିବା ଦାୟିତ୍ୱ ଓ ଅଧିକାର କେବଳ ମାଙ୍କର ଥିଲେ ହେ ବାହାର ଦୁନିଆରେ ଛୁଆ ଅଝଟ ହେଲେ ଉପର ଠାଉରିଆ ଭାବେ ଦାୟିତ୍ୱ ନେଇଥାନ୍ତି 'ବାପା' । ଠିକ୍ ସେହିପରି ଘରଭିତରେ ଲାଜକୁଳି ଲତାପରି ମଉଳି ଯାଇଥିବା ପୁରୁଷତ୍ୱକୁ ସତେଜ ରଖିବାପାଇଁ ମାଛବାଲା, 'ବାବୁ ମାଛ ନବ' ବୋଲି କହି ବିକ୍ରି କରିବାକୁ ଚେଷ୍ଟା କରିଥିଲା ବେପାର ଜୀବନର ଉପକ୍ରମରେ । ହେଲେ ଏହାର ଅଭିଜ୍ଞତା ଥିଲା ଆଶାର ପ୍ରତିରୂପରେ ।

କେଉଁ ଘରେ ବଗିଚାରେ ପାଣି ଚଡଉଥିଲାବେଳେ ବାବୁ ମାଛ ରହିବନି ବୋଲି କହିଲାରୁ, ମାଁ, ପୁଅ-ଝିଅ ଛୁଟିରେ ଆସିଛନ୍ତି, ଆଉ କେଇଟା ଦିନଯେ ରହିବେ ବୋଲି କହି ମତେ ଗଳି ମୁଣ୍ଡରୁ ଡାକିବାପାଇଁ ବାବୁକୁ ପଠାନ୍ତି ତ ଆଉ କେଉଁଠାରେ, ବାବୁ ମାଛ ପରୀକ୍ଷା କରି ଓଜନ କଲାବେଳେ ମା ଅମୁକବାର ସମୁକ ଦିନ ହେତୁ ଆଜିଘରେ ଆମିଶ ପଶିବନି ବୋଲି ବାବୁକୁ ରୋକ୍ ଠୋକ୍ ମନା କରିଦିଅନ୍ତି । ଆଉ ବାବୁ ଅସଜଡା ଜିନିଷକୁ ସଜାଡିବା ଭଂଗୀରେ ମୋ ପିଠି ଥାପୁଡାଇ ବିଦା କରନ୍ତି ଓ ଆଉଦିନେ ରଖିବାର ଅନିଶ୍ଚିତ ପ୍ରତିଶ୍ରୁତି ଦିଅନ୍ତି - ବୋଧହୁଏ କେବଳ ନିଜକୁ ସାନ୍ତ୍ୱନା ଦେବାପାଇଁ ।

ଗୋଲ୍‌ପୋଷ୍ଟ୍ ଖାଲିଥିଲା ବେଳେ ବଲ୍ ସିନା ନମାରି ପାସ୍ ଦେଇ ଗୋଲ୍ କରିବା ମୋଟା ବୁଦ୍ଧିରେ ଯାଏ । ଏଣୁ ଦେଶର ରାଷ୍ଟ୍ରପତିଙ୍କ ପରି ରବରଷ୍ଟାମ୍ପଧାରୀ ଗୃହପତିମାନଙ୍କୁ ସମ୍ବୋଧନ

ପଣାଧରାକୃତି ମୈନାକଶିଖରୀ
ଯା ଶିରେ ବସନ୍ତି ରଣପୁରେଶ୍ୱରୀ ।

କରି ବେପାର କରିବା ନିଜ ଗୋଡରେ କୁରାଡି ମାରିବା ସହ ସମାନ୍ । ଏଣୁ ମାଛବାଲାଙ୍କର ଏ ମା' ଡାକ ଯେତିକି ପ୍ରାକୃତ, ସେତିକି ଯୁକ୍ତିଯୁକ୍ତ ।

ଘରଘର ବୁଲି ଜିନିଷ ବିକୁଥିବା ନିରୀହ ପୁରୁଷ ମାନେ ଯେ ମୋ ପରି ସ୍ୱାଭିମାନୀ ଓ ଦୁଃଖରେ ସମଦୁଃଖୀ, ଏହା ଜାଣି ମୋର ଆତ୍ମ ସନ୍ତୋଷ ହେଲା । ପରିସ୍ଥିତିର ଦାସ ସେ ମାଛବାଲାଟିକୁ ସହାନୁଭୂତି ଚାହାଣିରେ ବିଦାୟ ଦେଲି । ପୋଲଟି ଉପରେ ଲଥ୍‌କରି ବସିପଡି ହାତମୁଠାରେ ଧରି ଆସିଥିବା ଖବର କାଗଜରେ ମନଦେଲି ।

ନା ..... ଧେତ୍ । ମଣିଷର ସମସ୍ୟାର ପ୍ରତିବିମ୍ବ ଓ ସମାଜର ହିତକାଂକ୍ଷି ଚତୁର୍ଥ ସ୍ତମ୍ଭ ବୋଲା ହେଉଥିବା ଖବରକାଗଜ ଏ ସ୍ତ୍ରୀ ପ୍ରଧାନ ସମାଜ ଜନିତ କୂପରିଣାମ ବିଷୟରେ ସଂପୂର୍ଣ୍ଣ ନୀରବ । ଛୋଟ ଛୋଟ ନାରୀ ନିର୍ଯ୍ୟାତନା ବଡ ବଡ ଅକ୍ଷରରେ ସ୍ଥାନ ପାଉଥିଲାବେଳେ ପ୍ରତ୍ୟେକ ପରିବାରର ଏକଚାଟିଆ ସ୍ତ୍ରୀ ଶାସନର ନିଷ୍ଠୁର ସତ୍ୟତା ଉପରେ ମୁହଁ ଖୋଲିବାରେ କୌଣଷି ସରକାରୀ ବେସରକାରୀ ସଂଘଠନର ନୈତିକ ସାହସ ନାହିଁ । ସଂପାଦକ ନିଜେ ପୁରୁଷ ହୋଇ ଛାତିପକେଟ୍‌ରେ ପେନ୍ ଠାରୁ ବଜାଜ୍ ସ୍କୁଟରର ରଂଗ ମନୋନୟନରେ "ସ୍ତ୍ରୀ ଯେଉଁ ଭେଟୋ ପାୱାର୍ (veto power)ର ପ୍ରୟୋଗ କରନ୍ତି" ତା ବିରୁଦ୍ଧରେ ଦୁଇଧାଡି ଲେଖିବାର ତାକତ୍ ନାହିଁ । ଯଦି ଶିକ୍ଷିତ ସମାଜର ପ୍ରତିକ୍ରିୟା କାତର, ତେବେ ଅଳ୍ପ ଶିକ୍ଷିତ ବା ଅଶିକ୍ଷିତ ମାଛବାଲା ବା ଫେରିବାଲାଙ୍କ ମୁଣ୍ଡରେ ଅଠାବୋଳିବା, ଡେଇଁବାର କ୍ଷମତା ନଥିବା ବିଲୁଆ ଅଙ୍ଗୁର କୋଳିର ସ୍ୱାଦ ଉପରେ ଦାଉସାଧିବା ସହ ସମାନ୍ ।

ସକାଳୁ ପେପର୍ ପଢିବା ସମୟନଷ୍ଟ ଓ ମନକଷ୍ଟ ଭାବି ସେଇ କୁର୍ତ୍ତାପାଇଜାମାରେ ରାସ୍ତାଉପରକୁ ବାହାରି ପଡିଲି । ଆଗକୁ କିଛି ଲକ୍ଷ୍ୟ ନରଖି ମୁକ୍ତ ମନରେ ଟହଲ ମାରିବାରେ ବିଶେଷ କରି ଶ୍ରୀମତୀଙ୍କୁ ନପଚାରି ଘରୁ ମୁକୁଳି ଯିବାରେ ଏକ ଅଲଗା ମଜା ଥାଏ ।

କେଇ ପାଦ ଯାଇଛିକି ନାହିଁ ଗୋଟିଏ ନାଲିମାରୁତି ଏଷ୍ଟିମ୍ ମୋ ଗୋଡପାଖରେ ବ୍ରେକ୍ କସିଲା । କାର୍‌ର ପଛସିଟ୍‌ରେ ପାଞ୍ଚବର୍ଷତଳେ ଆମେରିକା ଫେରନ୍ତା ପୁଅକୁ (ଯିଏ କେବଳ ବାହାହେବାପାଇଁ ଆମେରିକାରୁ ଫେରିଥିଲେ) ବାହାହୋଇଥିବା ମୋ ମାଉସୀ ଝିଅ ଭଉଣୀ ରୁବିକୁ ହଠାତ୍ ଏମିତି ଦେଖି ଆଶ୍ଚର୍ଯ୍ୟ ଲାଗିଲା । ମୁଁ କିଛି କହିବା ପୂର୍ବରୁ "ଭାଇନା ସକାଳୁ ଏମିତି ଏକୁଟିଆ କୁଆଡେ ଯାଉଛ, ଆସ ମୁଁ ଛାଡିଦେବି" କହି ହସିହସି ରୁବି କାର୍‌ର ଦରଜା ଖୋଲିଦେଲା । କୌଣଷି ଉଦ୍ଦେଷ୍ୟ ନଥାଇ ବାହାରି ଥିବାରୁ ସାମ୍ନାର କଲେଜ୍‌ଛକ ଯାଉଛି, ପାଖଟା ମୁଁ ଚାଲିଯିବି ବୋଲି କହିଲି ।

କିନ୍ତୁ ରୁବି ଜୋର୍‌କରି ମୋତେ କାର୍‌ରେ ବସାଇଲା ଏବଂ ଡ୍ରାଇଭର୍‌କୁ ଗାଡି ଚଲାଇବାକୁ ନିର୍ଦ୍ଦେଷ ଦେଲା । କେଇଟା ସେକେଣ୍ଡ୍‌ରେ କଲେଜ୍‌ଛକ ଆସିଗଲା । ଏଇ ସମୟ୍ ମଧ୍ୟରେ ଭାଉଜ କେମିତି ଅଛନ୍ତି ପ୍ରଶ୍ନର ଉତ୍ତର ମୁଁ ମୁଣ୍ଡ

ବାରୁଣୀ ବଦନେ ଏ ଜରିପଟଳୀ
ଶୋଭେ ଯେହ୍ନେ ମୃଗମଦ-ପତ୍ରାବଳୀ ।

ଟୁଙ୍ଗାରି ଭଲଅଛନ୍ତି ବୋଲି ସଙ୍କେତ ଦେଇଥିଲି । ଗାଡିରୁ ଓହ୍ଲାଇଲା ବେଳେ ରୁବି ତା ଭେନିଟ୍ ବ୍ୟାଗ୍‌ରୁ ଗୋଟିଏ ଠିକଣା କାର୍ଡ୍ ବାହାର କରି ଭାଉଜଙ୍କୁ ସାଙ୍ଗରେ ନେଇ ଆସିବାର ନିମନ୍ତ୍ରଣ କଲା, ଆଉ ପୁରୁଣା କଥାକୁ ମନେପକାଇବା ଭଙ୍ଗୀରେ କହିଲା "ଭାଇନା, ସ୍କୁଲ୍ ସମୟରେ ଦେଇଥିବା ଲିଫ୍ଟ୍ ତେବେ ଆଜି ଶୁଝିଗଲା" । ଚାଟଶାଳିରୁ ପୁରା ମାଟ୍ରିକ୍ ଯାଏଁ ରୁବିକୁ ସାଇକେଲ୍ କ୍ୟାରିୟର୍‌ରେ ବସାଇ ସ୍କୁଲ୍ ନେବା ଆଣିବା କରିବାଟା ଏମିତି କେମିତି ଶୁଝିଗଲା ଚିନ୍ତା କରୁକରୁ ନାରୀ ଚରିତ୍ରର ଆଉ ଏକ ଦିଗ ମୁଁ ଆବିଷ୍କାର କରିଥିଲି ।

କଲେଜ୍ ଛକ ବୁଦ୍ଧିଆ ଚା' ଦୋକାନୀକୁ କବିରାଟେ କହି ରାସ୍ତା ଆଡକୁ ମୁହଁ ବୁଲାଇଚିକି ନାହିଁ, ମୋ ଆଖିଆଗରେ ଗୋଟିଏ ଦୁର୍ଘଟଣାଟେ ଘଟିଗଲା । ମୋପେଡ୍ ରେ ଯାଉଥିବା ଜଣେ କଲେଜ୍ ଛାତ୍ରୀ ଭାରସାମ୍ୟ ହରାଇ ସାଇକେଲ୍ ସହ ଧକ୍କା କରାଇଦେଲେ । ଯେଉଁଥିରେ ଉଭୟ ସାଇକେଲ୍ ଓ ଚାଳକ ନିଜନିଜ ଭଙ୍ଗୀରେ କଚଡା ଖାଇଲେ । ଭୂଲ୍‌ମାଗିବା ତ ଦୂରର କଥା ଓଲଟା ମହାଶୟା ସେ ସାଇକେଲ୍ ଚାଳକଙ୍କ ଉଦ୍ଦେଶ୍ୟରେ ଇଂରାଜୀରେ ଗାଳିଦେଲେ ଓ ପରେ ଓଡିଆରେ କାନ୍ଦିଲେ । ଓଠର କାନ୍ଦ ଆଖିକୁ ନଜାଉଣୁ ଦେଖଣାହାରୀଙ୍କର ସବୁ ସହାନୁଭୂତି ତାଙ୍କ ଉପରେ ଲଦି ହୋଇପଡିଲା । ଅଣ୍ଡାକୃତି ସାଇକେଲ୍ ଚକାଟିକୁ ଚାହିଁ ଅପରାଧୀଟି ଭଳି ନିରୀହ ଯୁବକଟିକୁ ଦେଖି ମୋ ଅନ୍ତର ବିଦ୍ରୋହ କରିଉଠିଲା ।

ଇତି ମଧ୍ୟରେ ଦିନର ଦ୍ୱିପହରରେ ଟାଇ ପିନ୍ଧିଥିବା ଦୁଇଜଣ ବ୍ୟକ୍ତି (software engineer ବା salesman ହୋଇଥିବେ ନିଶ୍ଚିତ) ଦୁର୍ଘଟଣାର ପ୍ରଥମ ସାକ୍ଷୀଦ୍ୱୟ ହିସାବରେ ଜଣେ ସେ କଲେଜ୍ ଛାତ୍ରୀଙ୍କର ଧୂଳିର ଛିଟ ଲାଗିଥିବା ମୋପେଡ୍‌କୁ ଉଠାଇ ରୁମାଲ୍‌ରେ ଝାଡୁଥିଲାବେଳେ ଦ୍ୱିତୀୟଜଣ ଦୁର୍ଘଟଣା କିପରି ହେଲା, ଥରେ ନିଜ ସୁନେଲି ଘଣ୍ଟା, ଥରେ ମହାଶୟାଙ୍କୁ ଓ ଥରେ ଦର୍ଶକଙ୍କୁ ଦେଖି, ତାର ବିବରଣୀ ଦେଉଥିଲେ ।

ପରିସ୍ଥିତି ମୋ ପାଇଁ ଅସହ୍ୟ ହୋଇ ଉଠିଲା ଯେତେବେଳେ ସରକାରଙ୍କର ଧଳାହାତୀ, ମାନେ ଟ୍ରାଫିକ୍ ପୋଲିସ୍, ଯୁବକର କଲର୍ ଧରି ମାରିବାର ଉଦ୍ୟମ କଲେ । ସକାଳୁ ମୋ ମନଭିତରେ ନାରୀପ୍ରତି ପକ୍ଷ୍ୟପାତୀ ଏ ସମାଜ ବିରୁଦ୍ଧରେ ଜମାଟ ବାନ୍ଧିଥିବା ବିସ୍ଫୋରକରେ କିଏ ଯେମିତି ଦିଆସିଲି ଲଗାଇଦେଲା ।

ସ୍ଥାନ, କାଳ, ପାତ୍ର, ନିର୍ବିଶେଷରେ ମୁଁ ଆଉ ନିଜକୁ ଚୁପ୍ ରଖି ପାରିଲି ନାହିଁ । ପାଖ ଇଲେକ୍ଟ୍ରିକ୍ ଦୋକାନରୁ ମାଇକ୍ରୋଫୋନ୍‌ଟେ ଭିଡିଆଣି ଚା' ଦୋକାନି ବେଞ୍ଚ୍ ଉପରେ ଛିଡାହୋଇ ଦୁର୍ଘଟଣା ହେତୁ ଜମା ହୋଇଥିବା ନାନା ଧରଣର ଏଇ ଜନସମାଗମକୁ ମୁଁ ଉଚ୍ଚସ୍ୱରରେ ସମ୍ବୋଧନ କଲି - "ହେ ମୋର ସ୍କୁଟି କାଇନେଟିକ୍ ଚଢୁଥିବା ଭଉଣୀମାନେ ଓ ସାଇକେଲ୍ ଚଢୁଥିବା ଭାଇମାନେ" କିନ୍ତୁ, ଜାଣେନା କାହିଁକି, ସେ

କୁହେଳିକା ଭେଦି ଯେହ୍ନେ ଶୈଳକୂଟ
କ୍ରମେ ହେଉଥାନ୍ତି ନଭେ ପରିସ୍ଫୁଟ ।

ମାଇକ୍ରୋଫୋନ୍ ଭିତରୁ ଯେମିତି କିଛି ନିଆଁ ବାହାରି ମୋ ଓଠକୁ ଜଳାଇ ଦେଲା - "କ'ଣ ଶୋଇ ପଡିଲାଣି କି ? ପୁପୁନ୍ କୁଆଡେ ଗଲା?"

- ଗରମ ମାଛ ଭଜାଟେ ପାଟିରେ ଦଉ ଦଉ ଶ୍ରୀମତି ମୋର ପଚାରୁଥିଲେ ।

-- o --

The Song of the Sea

ଅନ୍ୱୀଷା ମିଶ୍ର
ନବମ ଶ୍ରେଣୀ, କେନ୍ଦ୍ରୀୟ ବିଦ୍ୟାଳୟ -- ୧, ଭୁବନେଶ୍ୱର
Anwisha_mishra@yahoo.co.in

As the waves raise up
And the seagulls flee
The sun wakes up
To hear the song of the sea.

The dolphins sing
And the oysters clap
When the starfishes pass
Through the mermaid's trap.

The wind does whistle
And the whales too sing
As they blow up air
Through the flying wings.

When the sun peeps out
While the stars go away
This is the song of the sea
That we hear each day.

-- o --

ଧ୍ୟାନ

ଶ୍ରୀ ସୁଭାଷ ଚନ୍ଦ୍ର ପଟ୍ଟନାୟକ
scp@orissamatters.com

କୁହନା କଥା, କୁହନା କଥା, ମୁଗ୍ଧ ଆରେ ମନ!
ସ୍ତବ୍ଧ ହୁଅ, ସ୍ତବ୍ଧ ହୁଅ, ଲୁବ୍ଧ ତଇତନ!
ଚକ୍ଷୁ ଆଗୋ ପକ୍ଷ୍ମ ତୋଳି
ଚାହାଁନା, ଆସୁ ହୃଦୟ୍ ଭରି

ଅନ୍ଧକାର ଆଚ୍ଛାଦି ତା ସୂକ୍ଷ୍ମ ଅଭିମାନ,
କୁହନା କଥା, କୁହନା କଥା, ମୁଗ୍ଧ ଆରେ ମନ! ।୧।

ଅନ୍ଧକାରେ କୁଞ୍ଜ ଦ୍ୱାରେ ସଂଗୋପନେ ଧୀରେ

ଜଳୋଦ୍‌ଗତ ଇନ୍ଦ୍ରନୀଳର ଗୁମ୍ବଜ
ପ୍ରାୟେ ଦିଶୁଥାଇ ଦ୍ୱୀପଶୈଳବ୍ରଜ ।

ପୟର ଚାଳି, ପ୍ରଣୟ ଭୋଳେ ମନ୍ଦ ତାଳେ ତାଳେ
ବଂଶୀ ଓଠେ ଶଂଶୀ ଯେବେ
ଅକୁହା ଶତ ମିନତି ଲବେ
ଜୀବନକାର ଲୋଡ଼ିବେ ତୋର ସୌଖ୍ୟ ଧାତିକାରେ;
କୁହନା କଥା, କୁହନା କଥା, ମୁଗ୍ଧ ମନ ଆରେ! ।୨।

ମିଳନାମୋଦେ ପ୍ରଣୟ-ମଦେ ମତ୍ତ ଚଇତନ!
ବାଚାଳ ସମ ନ କର ଭ୍ରମ, ଭ୍ରମର ଅନୁପମ
ଗୁଞ୍ଜରଣେ, ଗୁଞ୍ଜରଣେ
କହିବ ଯାହା ମିଳନ କ୍ଷଣେ
ସାଇତି ରଖ, ସାଇତି ରଖ, ରଙ୍କଧନ ସମ;
ବାଚାଳ ସମ କହନା କଥା, ମୁଗ୍ଧ ଆରେ ମନ! ।୩।

ମିଳିବ ନାହିଁ, ମିଳିବ ନାହିଁ, ଦୁର୍ଲ୍ଲଭ ଏ କ୍ଷଣ,
ଶୁଭିବ ନାହିଁ ମିଳନ ଗୀତି; ଶୁଭେ କି ଅନୁକ୍ଷଣ?
ସେ ପାଇଁ ଶୁଣ, ସେ ପାଇଁ ଶୁଣ
ମିଳଇ ଯେବେ ପରାଣଧନ
ସତ୍ତା ଭୁଲି, ସତ୍ତା ଭୁଲି କର ଆସ୍ୱାଦନ
ମିଳନ-ମଧୁ, ତପ୍ତ ଧରା ବର୍ଷାଧାରା ସମ। ।୪।

-- 0 --

Snowflakes

ଆୟେଶା ମିଶ୍ର
୮'ମ କକ୍ଷ
ଲସ୍ ଆନଜେଲ୍ସ୍, ଯୁକ୍ତରାଷ୍ଟ୍ର ଆମେରିକା
m_misra@hotmail.com

A teeny, tiny snowflake
fell from way up high.
It twisted and twirled,
and danced in the sky!

It danced with the others,
crisscrossing all the way,
and flipped and flopped,
and tumbled in play!

Like a Christmas ornament,
shining with all its glamour,

ଯେତେ ହେଉଥାଇ ତରୀ ଅଗ୍ରସର
ଅଲଗା ଦିଶନ୍ତି ଲଗ୍ନ ପରସ୍ପର ।

in oh! such a dazzling manner!

Its shape was so elegant,
so beautiful indeed,
but it soon would be no more.

For when it touches the ground,
it won't be noticed-----
just stepped on and crushed.

But I saw its beauty,
and I know what it was!

-- 0 --

ଭିନ୍ନ ପୃଥିବୀ

Chinmaya K.Nayak
ଏ-୨୦୧, ଚୈତନ୍ୟ ଆପାର୍ଟମେଣ୍ଟ
ଭାଣ୍ଡୁପ (ପୂର୍ବ), ମୁମ୍ବାଇ-୪୨, chinmaya_k_nayak@yahoo.co.in

"ଛି ଏତେ ବଡ ସହରରେ ତୁମକୁ ଆଉ କେଉଁଠି ଘରଟାଏ ମିଳିଲାନି ଯେ ତୁମେ ମୋତେ ଏଇଠିକି ନେଇ ଆସିଲ ।"

ଅଫିସରୁ ଫେରି ଚା' କପେ ହାତକୁ ନେଇଛନ୍ତି କି ନାହିଁ - ଧର୍ମପତ୍ନୀ ପ୍ରତିମା ଦେବୀ ରାଗ ତମତମ ହୋଇ ଶ୍ୟାମବାବୁଙ୍କ ଉପରେ ଗାଳିମାନ ବର୍ଷଣ କରିବ ଆରମ୍ଭ କରି ଦେଇଥିଲେ ।

ଜନସଙ୍ଖ୍ୟା ଯେଉଁ ହାରରେ ଦୃତ ଗତିରେ ବଢି ଚାଲିଛି, ତାହା ସାଙ୍ଗକୁ ପୁଣି ଏ ଆକାଶ ଛୁଆଁ ଦରଦାମ୍ - ଭଲ ରହିବା ପାଇଁ ଘରଟିଏ କେଉଁଠି ଅବା ମିଳୁଛି । ସେଥିରେ ପୁଣି ଶ୍ରୀମତିଙ୍କର ଦୁନିଆ କଟକଣା । ଘରଟି ସୋନକର କଲେଜ୍‌ର ଦୁଇ-ତିନି କିଲୋମିଟର୍ ଭିତରେ ହେବା ନିହାତି ଦରକାର; ଘରଟି ମାର୍କେଟଠୁଁ ଖୁବ୍ ନିକଟରେ ଅବା ବହୁତ ଦୂରରେ ହୋଇ ନଥିବ; ଘରକୁ ଆସିବା ପାଇଁ କୌଣସି ରାସ୍ତା, ଉପରାସ୍ତା ଅଣଓସରିଆ ହୋଇନଥିବ, ପ୍ରତିମା ଦେବୀ ତଥା ତାଙ୍କର ନାରୀ ସଙ୍ଗଠନକୁ ସହଜରେ ଚିହ୍ନଟ କରିବା ପାଇଁ ନୂଆ ଲୋକଙ୍କୁ ଯେପରି କୌଣସି ପ୍ରକାରର

ବିମାନ ଆକାରେ ଭାସେ ଶତ ଶତ
ନୀଳୋରସେ ତୋର ଶୈଳ ମାରକତ ।

ଅସୁବିଧା ହେଉ ନଥିବ । ତାହା ଛଡା ପ୍ରତିମା ଦେବୀଙ୍କର ବ୍ୟକ୍ତିଗତ ପ୍ରକୃତି ଏମିତି ଯେ କେବେ କୌଣସି ପଡୋଶୀ ସହ ଭଲରେ ଦୁଇପଦ କଥାହୋଇ ପାରିଲେ ନାହିଁ - ଯୁଆଡେ ଗଲେ ପ୍ରତି ଛ ମାସରେ କେବଳ ପଡୋଶୀଙ୍କର କାରଣରୁ ଘର ବଦଳେଇବାକୁ ପଡୁଛି ।

ଅତିଷ୍ଠ ହୋଇ ଉଠୁଥିଲେ ଶ୍ୟାମ ବାବୁ । ବାହା ହେବା ପରେ ସାରା ଜୀବନ ପତ୍ନୀଙ୍କର ସମସ୍ତ ଅଳି ଅର୍ଦ୍ଧଳିକୁ ଧାର୍ମିକ ରୀତିରେ ମୁଣ୍ଡପାତି ସହି ନେଇଛନ୍ତି, ପରିଣତ ବୟସରେ ବି ଶାନ୍ତି ନାହିଁ । ଗୋଟି ଗୋଟି କରି ସବୁ କିଛି ମନେ ପଡିଯାଉଛି ଶ୍ୟାମବାବୁଙ୍କର । ଘର, ପଡିଶା, ସାଙ୍ଗ ସାଥୀମାନଙ୍କର ବହୁବାରଣ ସତ୍ତ୍ୱେ ବି କଲେଜ ଦିନର ଅସାମନ୍ୟା ସୁନ୍ଦରୀ, ଆଧୁନିକା ଆଉ ରୁଚି ସର୍ଣା ପ୍ରତିମା ଦେବୀଙ୍କୁ ଜୀବନ ସାଥୀ ରୂପେ ସେ ଗ୍ରହଣ କରି ନେଇଥିଲେ । ସେବେଠୁଁ ଶ୍ୟାମ ବାବୁ ନିଜର ସାରା ଜୀବନ ପତ୍ନୀଙ୍କର ସୁଖ ସମ୍ଭୋଗ ପାଇଁ ଉତ୍ସର୍ଗ କରି ଦେଇଛନ୍ତି । ବିବାହର କେହି ମାସ ପରେ ଶ୍ୟାମବାବୁଙ୍କୁ ପ୍ରଥମ ଝଟ୍‌କା ଲାଗିଥିଲା ପତ୍ନୀଙ୍କ ଆଜ୍ଞାରେ ନିଜର ଏକମାତ୍ର ସାନଭାଇଠୁଁ ସମସ୍ତ ସଂପର୍କ ଛିନ୍ନ କରି ଭିନେ ହୋଇଯିବା ବେଳେ । ସେବେଠୁ ଁ ଶ୍ୟାମବାବୁ ପୈତୃକ ଭିଟାମାଟି ଛାଡି ସବୁ ଦିନ ପାଇଁ ସ୍ତ୍ରୀକୁ ଧରି ନୀଡଟିର ଅନ୍ୱେଷଣରେ ସହରକୁ ଆସିଥିଲେ ଯେ ଆଉ ଦ୍ୱିତୀୟ ଥର ପାଇଁ ନିଜ ଗାଁକୁ ଫେରିବାର ସୁଯୋଗ ପାଇନାହାନ୍ତି । ଘର ଛାଡିବାର କେଇଦିନ ପରେ ମାନସିକ ସନ୍ତାପରେ ଦଗ୍‌ଧୀଭୂତ ହୋଇ ବିଧବା ମା' ବି ସବୁ ଦିନ ପାଇଁ ଆରପାରିକୁ ଚାଲିଯାଇଥିଲା । ବାହାର ଲୋକଙ୍କର ଯାବତୀୟ ସମାଲୋଚନା, କଟୁମନ୍ତବ୍ୟ, ଆଉ ମା'କୁ ହରେଇବାର ଦୁଃଖରେ କୌଣସି ଅନୁକୋଣରେ ତାଙ୍କର ଗାଁ ପ୍ରତି ଥିବା ଆବେଗଟି ସଂପୂର୍ଣ୍ଣ ରୂପେ ମରି ଯାଇଥିଲା । ଭିଟାମାଟି ପ୍ରତି ମୋହତ୍ୟାଗ କରି ଏକ ଅବାସ୍ତବ, ସ୍ୱପ୍ନିଳ ଜୀବନ ପଛରେ ଧାଉଁଥିବା ସମସ୍ତ ପ୍ରାଣୀ ବହୁଳାଂଶରେ ଏମିତି ଏକ ଅପ୍ରାକୃତିକ ଜୀବନଶୈଳୀ ସହ ବାନ୍ଧି ହୋଇ ନିଜକୁ ତିଳତିଳ କରି ଜାଳିଦେଇଥାନ୍ତି । କଣ ମିଳିଛି ତାଙ୍କୁ ଏ ଲମ୍ବା ଜୀବନରେ, ଏତେ ସବୁ ଶିଖ୍ୟା, ପ୍ରମାଣପତ୍ର, ଆଭୁଷଣ ଆଉ ଘୋଡାଦୌଡ ଭିତରେ ।

ଶ୍ୟାମ ବାବୁ ଦୀର୍ଘଶ୍ୱାସ ନେଲେ । ଚା' କପ୍‌ଟି କେତେବେଳୁ ଥଣ୍ଡା ହୋଇଗଲଣି । ପ୍ରତିମା ଦେବୀ ବକ୍‌ବକ୍ କରି ଚାଲିଥିଲେ । ସାମ୍ନା ଘରର ଲୋକମାନେ ତାଙ୍କୁ ଉପଯୁକ୍ତ ଦର୍‌ରେ ବ୍ୟବହାର କରୁନାହାନ୍ତି ବୋଲି; ନାରୀ ନେତ୍ରୀ ହିସାବରେ ତାଙ୍କର ବ୍ୟକ୍ତିତ୍ୱ, ମୂଲ୍ୟକୁ ନିରୁପଣ କରି ସମ୍ମାନିତ କଲାଭଳି ଲୋକ ଏଠି ନାହାନ୍ତି ବୋଲି । ଆଉ ଶ୍ୟାମବାବୁ ଭଳି ଜଣେ ନିକମା ପୁରୁଷକୁ ପତି ହିସାବରେ ଗ୍ରହଣ କରି ମସ୍ତବଡ ଭୁଲଟାଏ କରିଛନ୍ତି ବୋଲି କଥାକଥାରେ ନିଜ ଭାଗ୍ୟକୁ ନିନ୍ଦି ଚାଲିଥିଲେ । ଶ୍ରୀମତିଙ୍କର କର୍କଶ ସ୍ୱର ଆଉ ଶ୍ୟାମବାବୁଙ୍କର କର୍ଣ୍ଣଭେଦ କରି ପାରୁନଥିଲା ।

ଶ୍ରୀମତି ତାଙ୍କର ଏକ ନାରୀ ସଙ୍ଗଠନର ପ୍ରାଣ ପ୍ରତିଷ୍ଠାତା । ସଙ୍ଗଠନଟିକୁ ସେ ନିଜର ଲୋକ, ପରିବାରର ସଦସ୍ୟ, ଏମିତିକି ସଙ୍ଗଠନର ଆଭିମୁଖ୍ୟରୁ ବି ଅଧିକା ଭଲ ପାଆନ୍ତି । ଘର ଭିତରେ ସପ୍ତାହକ ସାତଦିନଯାକ ମିଟିଙ୍ଗ୍ । ଯୌତୁକ ନିର୍ଯ୍ୟାତନା ଠୁଁ ଆରମ୍ଭ କରି ବ୍ୟଭିଚାର, ବଳାତ୍କାର, ନାରୀ ସ୍ୱାଧିନତା, ପୁରୁଷ ପ୍ରଧାନ ଦେଶରେ ନାରୀମାନଙ୍କର ଅଧିକାର ଇତ୍ୟାଦି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୁଏ । ଇତି ମଧ୍ୟରେ ଜଣେ ମହିୟସୀ ନାରୀ ହିସାବରେ ପ୍ରତିମା ଦେବୀ ସହରରେ ଖୁବ ନାମ କମେଇ ନେଇଛନ୍ତି । ସହରର ଛୋଟ ବଡ ସଭା ସମିତିରେ ପ୍ରତିମା ଦେବୀଙ୍କୁ ଆଜିକାଲି ବହୁମୂଲ୍ୟ ଦେଇ ଆମନ୍ତ୍ରଣ କରଯାଏ । ଆପାତତଃ ସହରର ବହୁଳ ସମସ୍ୟାର ସମଧାନ

ପକ୍ଷଚ୍ଛେଦି-ଶକ୍ର-ଭୟେ କି ଶଇଳେ
ଲୁଚିରହିଥିଲେ ତୋହରି ସଲିଳେ ?

କରୁଥିବା ପ୍ରତିମା ଦେବୀ ପରିବାର ପାଇଁ ଏକ ବିରାଟ ସମସ୍ୟା, ତାହା କେବେ ବୁଝିବାକୁ ଚେଷ୍ଟା କରିନଥିଲେ । ଦୈନଦିନ ଜୀବନର ବହୁ ସମସ୍ୟା ସମୟ୍ ସାପେକ୍ଷ । ସମୟ୍ର ସୁଅରେ ବହୁ ସମସ୍ୟା ଏମିତିରେ ବିନା କାହାରି ନିର୍ଦ୍ଦେଶ ତଥା ପରାମର୍ଶରେ ସମାଧାନ ହୋଇଯାଏ ।

ଗଲା ବର୍ଷ ପ୍ରତିମା ଦେବୀ ନିଜର ଅଠର ବର୍ଷିଆ ଝିଅ ସମିତାର ଇଚ୍ଛା ଓ ଆଗ୍ରହକୁ ପ୍ରଧାନ୍ୟ ଦେଇ ତାକୁ ଏକ ଚରିତ୍ରହିନ, ମଦ୍ୟପ ସହ ଛନ୍ଦି ଦେଇଛନ୍ତି । ସମିତା ଆଧୁନିକା, କିନ୍ତୁ ଅନାବଶ୍ୟକ ଭାବରେ ଅତ୍ୟାଧୁନିକା; ସୁନ୍ଦରୀ କିନ୍ତୁ ଲଜ୍ଜାହୀନା । ମା' ର ଶିକ୍ଷା ଓ ଆଦର୍ଶ ତାକୁ ଭୟମୁକ୍ତ ଆଉ ଉଶୃଙ୍ଖଳ କରି ଗଢି ତୋଳିଛି । ପାରିବାରିକ ମୂଲ୍ୟବୋଧ ତା' ପାଇଁ ଏକ ନୀତିହୀନ ପରଂପରା ଆଉ ଦାସତ୍ୱର ପରିଚାୟକ । ଶ୍ୟାମବାବୁଙ୍କର ବହୁ ଆକଟ ଆଉ ପରାମର୍ଶକୁ ବେଖାତିର କରି ସମ୍ବିଧାନର ଧାର୍ଯ୍ୟ ବିବାହ ବୟସର ଆଉ ଏକ ମାତ୍ର ଦିନ ଡେରି ନ କରି ସେ କୋର୍ଟରେ ନିଜ ଜୀବନ ସାଥୀକୁ ବରଣମାଳା ପିନ୍ଧେଇ ଦେଇଛି । ଘରେ ପ୍ରତିମା ଦେବୀଙ୍କ ସହ ଦୈନଦିନ ଝଗଡା-ହେଲେ ଝିଅର ସାହାସ ଓ ବିରଳ ପଦକ୍ଷେପକୁ ନେଇ ପ୍ରତିମା ଦେବୀ ଗର୍ବରେ ଫୁଲି ଉଠନ୍ତି । ସଭା ସମିତିରେ ଝିଅର କୃତିତ୍ୱକୁ ନାରୀ ଜାଗରଣର ଜ୍ୱଳନ୍ତ ନିଦର୍ଶନ ବୋଲି ଲଜ୍ଜାହୀନା ଭାବେ ଉପସ୍ଥାପନ କରି ବାହା ବାହା ନିଅନ୍ତି । ହେଲେ ସହରଯାକର ଯେତେ ସବୁ ଚିହ୍ନା କଥା ଛଳରେ ଶ୍ୟାମବାବୁଙ୍କୁ ବିଭିନ୍ନ ଭାବରେ ଆଘାତ କରନ୍ତି । ସେଦିନ ମାର୍କେଟ୍‌ରେ ପରିବା କିଣିବା ବେଳେ ଲୋକମାନଙ୍କର ଟାହୁଲି, ଟାପରା ସେ ନିଜ କାନରେ ଶୁଣିଛନ୍ତି । କ୍ରୋଧ ଆଉ ପରିତାପରେ ଶ୍ୟାମବାବୁଙ୍କ ହାତମୁଠା ଟାଣ ହୋଇଯାଉଥିଲା ।

ବୋଧହୁଏ କିଛି ନୂଆ ଆଉ ଚାଞ୍ଚଲ୍ୟକର ରିପୋର୍ଟ ସହ ସଙ୍ଗଠନର କିଛି କାର୍ଯ୍ୟକର୍ତ୍ତା ଘର ଭିତରକୁ ପଶି ଆସିଲେ । ଘର ଭିତରେ ଗଲା ଦୁଇ ଘଣ୍ଟାଧରି ଚାଲିଥିବା ତୁମ୍ବି ତୋଫନ୍ ଗ୍ରୀଷ୍ମ ଅପରାହ୍ନର ଝଡ ଭଳି ହଠାତ୍ ସ୍ତମିତ ହୋଇଗଲା । ପ୍ରତିମା ଦେବୀଙ୍କର ବ୍ୟବହାର ଆଉ କଣ୍ଠରେ ଆବଶକୀୟ୍ ପରିବର୍ତ୍ତନ ଆସି ଯାଇଥିଲା । ଶ୍ୟାମବାବୁ ମର୍ମାହତ ହେଉଥିଲେ । ମନ ବଦଳେଇବା ପାଇଁ ପୁଣି ଥରେ ସାର୍ଟ୍‌ଟି ଗଳେଇ ମାର୍କେଟ୍ ଅଭିମୁଖେ ବାହାରି ପଡିଲେ ।

****

ସୋନକ ସୌମ୍ୟ, ଶାନ୍ତ, ତୀକ୍ଷ୍ଣ ଓ ବୁଦ୍ଧିମାନ । ସୋନକ ଆଦର୍ଶବାଦୀ । ବାହାରର ଚାକଚକ୍ୟ, ସମୃଦ୍ଧି ତଥା ବାହ୍ୟଆଡମ୍ବର ପଛରେ ଧାଉଁ ଥିବା ଆଜିର ଉଦ୍‌ଭଟ ଆଉ ଉନ୍ମତ୍ତ ଯୁବକମାନଙ୍କର ଗଣଦୌଡରୁ ସେ ସଂପୂର୍ଣ୍ଣ ଅଲଗା । ବଞ୍ଚି ରହିବା ପରିବାର ଭିତରେ ଶ୍ୟମବାବୁଙ୍କର ଏକ ମାତ୍ର ସାହାସ, ଆଶା ଓ ସାମର୍ଥ୍ୟ । ବାପାଙ୍କ ଜୀବନରେ ବହିଯାଉଥିବା ଝଡର ସେ ବି ଏକ ପ୍ରତ୍ୟକ୍ଷ ଅଂଶୀଦାର । ହେତୁ ପାଇଲା ଦିନଠୁଁ ସୋନକ କେମିତି କେଜାଣି ଘରର ସଦସ୍ୟ ମାନଙ୍କଠୁଁ ଏକରକମ ଅଲଗା ହୋଇ ଯାଇଛି । ପଡାପଡି ସମୟ୍ତକ ବିତିଯାଏ କଲେଜ, ଟ୍ୟୁଟରିଆଲ, ଅବା ଲାଇବ୍ରେରୀରେ; ଆଉ ବାକି ସମୟ୍ତକ ସାଙ୍ଗ ମାନଙ୍କ ସହ ଧର୍ମ, ରାଜନୀତି, ନୀତି, ଆଦର୍ଶ ଚର୍ଚ୍ଚାରେ, ଅବା ଗୁଲିଖଟିରେ କଟିଯାଏ । ରାତ୍ରିର ବିଳମ୍ବିତ ପ୍ରହରରେ ସୋନକ ଘରମୁହାଁ ହୁଏ - ସକାଳୁ କେହି ବିଛଣା ଛାଡିବା ଆଗରୁ ଓଜନିଆ ବସ୍ତ୍ରାନିଟି ଧରି ସେ ପୁଣି ନୀରବରେ ବାହାରିଯାଏ । ରବିବାର, ଅବା ଛୁଟି ଦିନ ବି ଏହି ଧାରାର ବ୍ୟତିକ୍ରମ ନୁହେଁ ।

ଅନାବଶ୍ୟକ ଭାବରେ ଜିରାରୁ ଶିରା କାଢିବା ପ୍ରତିମା ଦେବୀଙ୍କର ପ୍ରକୃତି । କିଛି ବି କାରଣ ନ ଥାଇ

ସନ୍ନିଧି ଲଭିଣ ଭଗବତୀଙ୍କର
ତୋଳିଛନ୍ତିଗୁଳୁ-ଜଟିଳ ଶିଖର ?

ଶ୍ୟାମବାବୁଙ୍କ ଉପରେ ଗର୍ଜନ କରିବା, ତାଙ୍କୁ ତାଚ୍ଛଲ୍ୟ କରିବା, ଭୁଲ୍ ଠିକ୍‌ର ସଙ୍ଖ୍ୟା ଶୁଣେଇବା, ଆଉ ନିଜ ଇଚ୍ଛା ଅନୁସାରେ ତାଙ୍କୁ ତାଗିଦ୍ କରିବା ତାଙ୍କର ନିତିଦିନିଆ କର୍ତ୍ତବ୍ୟ । କର୍ତ୍ତବ୍ୟ ନ କହି ଆଜିକାଲି ଅଭ୍ୟାସ କହିଲେ ବି କିଛି ଭୁଲ୍ ହେବ ନାହିଁ । କ୍ଷମତାର ଲାଳସା, ଅନ୍ୟର ଭାଗ୍ୟକୁ ହାତ ମୁଠାରେ ଧରିବାର ପ୍ରବୃତ୍ତି ସମୟ, ସ୍ଥାନ, କାଳ ଏମିତିକି ନାରୀ, ପୁରୁଷ ନିର୍ବିଶେଷରେ କହାରିକି ବି ଗ୍ରାସ କରିପାରେ ।

ସୋନକ ଅସହାୟ । ରୂପ, ଜ୍ଞାନ, ଧୈର୍ଯ୍ୟ ସବୁ ପରେ ବି ସେ ଅସନ୍ତୁଳିତ । ଯୌବନର ପ୍ରଥମ ପାହାଚରେ ଯେଉଁଠି ତା'ର ସମବୟସୀ ବନ୍ଧୁମାନେ ରଙ୍ଗୀନ୍ ମିଜାଜ୍ ନେଇ ସ୍ୱପ୍ନରେ ଉଡି ବୁଲୁଛନ୍ତି, ସେଠି ସୋନକ ଏକାନ୍ତରେ ନିଜକୁ ଆତ୍ମ ତର୍ଜମା ଆଉ ଜୀବନ ଦର୍ଶନ ଭିତରେ ବାନ୍ଧିଦେଇଛି । କାହିଁକି କେଜାଣି ଏମିତି ଏକ ଦ୍ୱନ୍ଦପୂର୍ଣ୍ଣ ଆଉ ପରିତ୍ୟକ୍ତ ଜୀବନର ଅଧିକାର ମିଳିଛି ତା'କୁ । ଅନ୍ୟମାନଙ୍କ ଭଳି ଏକ ସମ୍ମାନଶୀଳ ମାତୃଗର୍ଭରୁ ଜନ୍ମ ନେଇ ପାରିଥାନ୍ତା ସେ; ଉଚ୍ଚଗୁଣ ସଂପୂର୍ଣ୍ଣା ସୁଶୀଳା ଭଉଣିଟିଏ ପାଇ ପାରିଥାନ୍ତା ସେ ! କାଳେ କିଏ ମା', ଆଉ ଭଉଣି ବିଷୟରେ କେବେ କିଛି ପଚାରି ବୁଝିବାକୁ ଚେଷ୍ଟା କରିବ ଘର ବାହାରେ ଏମିତିକି ଅତୀବ ଅନ୍ତରଙ୍ଗ ବନ୍ଧୁମାନଙ୍କ ପାଖରେ ଯଥାସମ୍ଭବ ଏକ ସୁରକ୍ଷିତ ଦୂରତା ଆଉ ବଳୟ ଭିତରେ ସଂପର୍କ ସ୍ଥାପନ କରିବାକୁ ବା ହୋଇଛି । ପାରିବାରିକ ଜୀବନର ଯେକୌଣସି ସାଧାରଣ ବ୍ୟତିକ୍ରମ ବ୍ୟକ୍ତିତ୍ୱକୁ ବହୁଳାଂଶରେ ନିୟନ୍ତ୍ରଣ କରେ । ସମାଜର ଦର୍ପଣ ଆଗରେ ନିଜକୁ ଭିନ୍ନ ଏକ ମଣିଷର ରୂପ ଦିଏ । ସୋନକ ପାଇଁ ଏ ସତ୍ୟ ବି କିଛି ଅଲଗା ନୁହେଁ । ହୁଏତ ନିଜକୁ ସେ ଅନ୍ୟମାନଙ୍କ ପାଖରେ ଏକ ସହଜରେ ମିଶିପାରୁଥିବା ସାମାଜିକ ତଥା କୃତକାର୍ଯ୍ୟର ପ୍ରାର୍ଥୀ ହିସାବରେ ଛିଡା କରେଇ ପାରିଥାନ୍ତା । ଘୃଣା ଆଉ ଅଭିମାନରେ ତା'ର ମନ ଅସମ୍ଭବ ଭାବେ ଆନ୍ଦୋଳିତ ହୋଇ ଉଠୁଥିଲା ।

ସହରର କେଉଁ ଗୋଟେ ଗୁରୁତ୍ୱପୂର୍ଣ୍ଣ ସଭା ପାଇଁ ପ୍ରତିମା ଦେବୀ ବାହାରି ଯାଇଛନ୍ତି । ଗଲା ଚାରିଦିନ ହେବ ଶ୍ୟାମବାବୁ ବି ଘରେ ନାହନ୍ତି । ଅଫିସର କେଉଁ ଏକ ଜରୁରୀ କାମ ନେଇ ବାହରକୁ ଯାଇଛନ୍ତି । ସୋନକ ପାଇଁ ଘରେ ରହିବାର ଏମିତି ବିରଳ ସୌଭାଗ୍ୟ କେବେ କେମିତି ଖୁବ୍ କମ୍ ସମୟ ପାଇଁ ଆସେ । ସଂପୂର୍ଣ୍ଣ ନିଦ ଭାଙ୍ଗି ଯାଇଥିଲେ ବି ସୋନକ ଆଖି ବୁଜି ବେଡ୍ ଉପରେ ଗଡପଡ ହେବାକୁ ଚେଷ୍ଟା କରୁଥିଲା । ତା'ର ଦୃଷ୍ଟି ଯାଇ ନିବଦ୍ଧ ହେଲା ସାମ୍ନା ଘରର ଝରକା ଉପରେ, ଯେଉଁ ଘରର ଲୋକମାନଙ୍କର ଅମାର୍ଜିତ, ଆଉ ଅପରିପକ୍ୱ ବ୍ୟବହାରକୁ ନେଇ ଗଲା କିଛିଦିନ ହେବ ପ୍ରତିମା ଦେବୀ ଘର ଛାଡିବା ପାଇଁ ବ୍ୟସ୍ତ ହୋଇ ପଡୁଥିଲେ ।

ସୋନକ ଚକିତ ହେଲା । ସାମ୍ନାଘରର ଝରକା ପଛପଟେ ଝିଅଟିଏ ରେଲିଙ୍ଗ୍ ଧରି ଏକନିଷ୍ଠ ଭାବେ ଦୁଇଘର ଦେଇଯାଇଥିବା ଗଳିକୁ ଚାହିଁ ରହିଥିଲା । ପଙ୍ଖା ପବନରେ ବୋଧହୁଏ କେଶଗୁଡାକ ତା'ର ମୁହଁଟାକୁ ଘୋଡେଇ ରଖିବାକୁ ଚେଷ୍ଟା କରୁଥିଲା । ଆରହାତଟି ଦୃଢଭାବରେ କେଶ ବିନ୍ୟାସର ସୁରକ୍ଷା କରୁଥିଲା । ତରୁଣୀଟି କିନ୍ତୁ ନିଜସ୍ୱ ଖିଆଲରେ ଡୁବି ଯାଇଥାଏ । ବୋଧହୁଏ, କେଉଁ ଏକ ଆଗନ୍ତୁଙ୍କର ଆଗମନର ପ୍ରତୀକ୍ଷାରେ । ସୋନକ ନିରେଖି ଦେଖିବାକୁ ଚେଷ୍ଟା କଲା । ଗୋଲ୍ ମୁହଁ, କଥା କୁହା ଆଖି, ଛୋଟିଆ ନାକଟିଏ । ରଙ୍ଗ ଗୋରା ନ ହେଲେ ବି ମନ ଲୋଭା । ବାମ ପଟ କାନ ଫୁଲଟା ମଝିରେ ମଝିରେ ଚିକ୍ ଚିକ୍ କରୁଥିଲା । ମୁଖମଣ୍ଡଳରେ ସମସ୍ତ ପ୍ରକାରର ସଂଭ୍ରମତା ଫୁଟି ଉଠୁଥିଲା ।

ଅହେତୁକ ଆକର୍ଷଣରେ ସୋନକ ମନ୍ତ୍ରମୁଗ୍ଧ ହୋଇ

ଦେଉଳକିରୀଟୀ କାଳିଜୟୀ ଗିରି
ମାରକତ ସେତୁପ୍ରାୟେ ଯାର ଶିରୀ ।

ଚାହିଁ ରହିଥିଲା । ଭରା ଯୌବନର ପ୍ରଥମ ଆକର୍ଷଣ । ସୋନକ ଦୃଷ୍ଟି ଫେରାଇ ପାରୁନଥିଲା । ଶେଷରେ ଚାରି ଆଖିର ମିଳନ ହେଲା । ମୁହଁରେ ସ୍ମିତ ହସଟେ ଖେଳାଇ ତରୁଣୀଟି ଶେଷରେ ନଜର ବଦଳେଇନେଲା । ପ୍ରଥମ ଦେଖାରେ ଝିଅଟି ତାକୁ ଦୁର୍ବଳ ତଥା ନିର୍ବୋଧ ନ ଭାବୁ, ସୋନକ ସେଦିନ ଝରକା ବନ୍ଦ କରିଦେଇଥିଲା ।

ସୋନକ ଆଉ ନିଜ ଆୟତ୍ତରେ ନଥିଲା । ଚିନ୍ତାରେ, ଚେତନାରେ, ଘରେ, ବାହାରେ ସବୁଆଡେ ଝିଅଟିର ମୁହଁ ଉଙ୍କି ମାରୁଥିଲା । କେଉଁଠି ଥିଲେ ବି ଆଜିକାଲି ସୂର୍ଯ୍ୟ ବୁଡିବା ପୂର୍ବରୁ ସୋନକ ଘରକୁ ଫେରି ଆସେ । ଆଉ ସକାଳେ ଖୁବ୍ ଡେରି ଯାଏ ସମସ୍ତେ ଘର ଛାଡିବା ପର୍ଯ୍ୟନ୍ତ ଏକ ନୀରବ ପ୍ରତିକ୍ଷାରେ ଥାଏ । ଖୁବ୍ ଜଲ୍‌ଦି ବାହାରର ସୋନକ ଘର ସହ ଯୋଡି ହୋଇ ଯାଇଥିଲା ।

ପ୍ରତି ସଂ୍ଧ୍ୟା, ସକାଳେ ସୋନକ ଝିଅଟିକୁ ସେହି ରେଲିଙ୍ଗ୍ ପଛ ପଟେ ଭେଟେ । ଝିଅଟି ହଜିଯାଇଥାଏ କେଉଁ ଏକ ଦୁନିଆଁରେ । କେବେ ଅବା ବହିଟିଏ ଧରି ପଢୁଥାଏ ତ ଆଉ କେବେ ସେମିତି ନୀରବରେ ବସିଥାଏ । କେତେ ସ୍ୱାଧିନତା ସତରେ ଏ ନାରୀମାନଙ୍କର ଜୀବନରେ - ନା' ନିଜ ପାଇଁ କିଛି ଭୟ୍ ଅଛି, ନା' ଅନ୍ୟ କାହା ପାଇଁ କିଛି ଦାୟିତ୍ୱବୋଧତାର ବୋଝ ଅଛି । ମୁକ୍ତ ଆକାଶର ବିହଙ୍ଗ ଏମାନେ । ସେହି ନୀରିହା ମୁହଁ ଭିତରେ ସୋନକ ଶ୍ୟାମବାବୁଙ୍କ ପରିବାରର ଗୋଲକଧନ୍ଦା ଭିତରେ ହଜି ଯାଉଥିଲା । ମା'ର କତୃତ୍ୱ, ଭଉଣୀର ବେପରୁଆ ଭାବ, ଆଉ ବାପାଙ୍କର ଜୀବନହୀନ ଜୀବନ ତାକୁ ନାରୀ ପ୍ରକୃତି ଆଉ ସାମାଜିକ ଜୀବନର ବାସ୍ତବତା ସମ୍ବନ୍ଧରେ ଚେତେଇ ଦେଉଥିଲା । ସୋନକ ମନରେ ଘୃଣା ମିଶା ଆଶଙ୍କା ଆସୁଥିଲା । ସୋନକ ବାପାଙ୍କର ଅପରିଣାମଦର୍ଶିତାର ପୁନରାବୃତ୍ତି କରିବାକୁ ଚାହୁଁନଥିଲା । ଗଲା ଦୁଇଦଶନ୍ଧି ଧରି ଶ୍ୟାମ ବାବୁ ଅକୁହା ଯନ୍ତ୍ରଣାରେ ପେଶି ହେଉଛନ୍ତି । ନାରୀଜାତି ପ୍ରତି ହିଂସ୍ର ହୋଇ ଉଠୁଥିଲା ସୋନକ ।

ସୋନକ ବୁଦ୍ଧିମାନ । ପୁରାପୁରି ଅନୁଭବୀ ନ୍ ହେଲେ ବି ଅନଭିଜ୍ଞ୍ୟ ନୁହେଁ । ଆବଶ୍ୟକ ସ୍ଥଳେ ଜ୍ଞ୍ୟାନର ସୁରୁପୋଯୋଗ କରିବାକୁ ତଥାକଥିତ ଜ୍ଞ୍ୟାନି ମାନେ ଉପଯୁକ୍ତ ଜ୍ଞ୍ୟାନ ବୋଲି ବିଚାରନ୍ତି । ସୋନକ ଏବେ ଠିକ୍ ବୁଝିଛି, କେମିତି ଅନ୍ୟମାନଙ୍କୁ ନିଜ ହାତ ମୁଠାକୁ ଆଣିବାକୁ ପଡେ, ଆଉ ନିଜ ଇଚ୍ଛାରେ ଚଲେଇବାକୁ ପଡେ । ବାପାଙ୍କର ପ୍ରତିଟି ଅସହାୟତା ତା' ଜୀବନରେ ପ୍ରତିଫଳିତ ହୋଇଛି ।

ଅନେକ ଅନ୍ତର୍ଦ୍ୱନ୍ଦ । ଏସବୁ ପରେ ବି ସୋନକ ଅଜାଣତରେ ତରୁଣୀଟିକୁ ଭଲ ପାଇ ବସିଥିଲା । ପ୍ରେମର ଗାଢତା ପାଖରେ ମନ ଭିତରର ସମସ୍ତ ଆଶଙ୍କା, ଦ୍ୱେଷ ଅବଦମିତ ହୋଇଯାଇଥିଲା । ସୋନକ ଆଉ କିଛି ବୁଝି ପାରୁନଥିଲା । ଝିଅଟିକୁ ଆପଣାର କରିବାର ନିଶାରେ ପାଗଳ ପ୍ରାୟ୍ ହୋଇଯାଉଥିଲା ।

ବହୁ ଭାବିଚିନ୍ତି ସୋନକ ପ୍ରେମ ପତ୍ରଟିଏ ଲେଖି ବସିଲା । କଣ ଆଉ ଲେଖିବ ସେ ? ପ୍ରେମ ପ୍ରସ୍ତାବ ଦେବା ପୂର୍ବରୁ ଘରର ଯାବତୀୟ୍ ସମସ୍ୟା, ଆଉ ନିଜେ କେମିତି ଏକ ଅବାସ୍ତବ, ଆଉ ଅର୍ଥହୀନ ଜୀବନଟେ ବଞ୍ଚୁଛି ବୋଲି ଚିଠିରେ ଏକ ବିବରଣୀ ପ୍ରସ୍ତୁତି କଲା । ପ୍ରେମରେ ବଶୀଭୁତ କରିବା ପାଇଁ ନିଜର ଦୁର୍ବଳତାକୁ ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ରୂପେ ବ୍ୟବହାର କରାଯାଇପାରେ । ବୋଧହୁଏ, ସଭିଏଁ ଏକ ବୃହତ୍ତର ସଂଘର୍ଷର ଅଂଶବିଶେଷ । ସେଥିପାଇଁ ବ୍ୟକ୍ତିଗତ ଜୀବନମାନଙ୍କର ଦୁର୍ବଳ ମୂହୁର୍ତ୍ତ, ସଂଘର୍ଷମାନ ପରସ୍ପରକୁ ଖୁବ୍ ସହଜରେ ପାଖକୁ ଟାଣି ଆଣେ ।

ତା' ପରେ ଭଲ ପାଇବାର ଆଉକିଛି ପ୍ରାକ୍ ସୂଚନା ନ

ଶ୍ୱେତାଙ୍ଗ ଚଡ଼ାଇଗୁହା ସମୁଦ୍‌ଗତ
ନୀର ଭେଦି କିବା ଉଠେ ଐରାବତ ?

ଦେଇ ସୋନକ ଦୁଇଧାଡିରେ ତା'ର ମନକଥା ବ୍ୟକ୍ତ କଲା । ଭଲ ପାଉଛି ବୋଲି ସେହି ଗୋଟିଏ କଥାକୁ ବାରମ୍ବାର ବିଭିନ୍ନ ଭାବରେ ଗୁଡେଇ ତୁଡେଇ ଲେଖିବାର କିଛି ଗୁରୁତ୍ୱ ସେ ଅନୁଭବ କରୁନଥିଲା ।

ଚିଠିଟାକୁ ବହୁବାର ଆଗପଛ ପଡି ସୋନକ ଖୁବ୍ ଯତ୍ନରେ ଚଉତି ନେଲା । ତଳେ ଫାଟକ ପାଖରେ ଚାରି, ପାଞ୍ଚ ବର୍ଷର ପିଲାଟି ନିଜର ହାତର ଆକାରଠୁଁ ଯଥେଷ୍ଟ ଅଧିକ ଆୟତନର ଏକ୍ ବଲ୍‌ଟିଏ ଧରି ଖୁସି ମନରେ ଏପଟ ସେପଟ ହୋଇ ବିକ୍ଷିପ୍ତ ଭାବେ ଘୁରି ବୁଲୁଥିଲା । ବହୁ ଲୋଭ ଦେଖାଇ ସୋନକ ଚିଠିଟି ପିଲାଟି ହାତରେ ପଠାଇବା ପାଇଁ ଚେଷ୍ଟା କଲା । ମାମୁଙ୍କଠୁଁ ନୂଆ କରି ମିଳିଥିବା ସୁନ୍ଦର ବିରାଟ ବଲ୍, ଆଉ ବିନା ଆକଟରେ ଘୁରି ବୁଲିବାର ତା'ର ଏଇ କ୍ଷୁଦ୍ର ପୃଥିବୀକୁ ଆଉ କେହି ଯେ ଦଖଲ କରୁ, ଏଥି ପାଇଁ ସେ କୌଣସି ସର୍ତ୍ତରେ ବି ପ୍ରସ୍ତୁତ ନ ଥିଲା । ଶେଷରେ ସାଂବେଳେ ତା' କଲେଜ ପାଖ ପାର୍କକୁ ବୁଲେଇ ନେବାର ଦୃଢ ପ୍ରତିଶୃତି ଦେଇ ବହୁ କଷ୍ଟରେ ସୋନକ ଚିଠିଟିକୁ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବା ପାଇଁ ପିଲାଟିକୁ ରାଜି କଲା ।

ସୋନକର ହୃଦସ୍ପନ୍ଦନ ବଢିଯାଇଥିଲା । ବଡ ଭୁଲଟାଏ କରି ଦେଲା ବୋଧେ ଅଜଣା ଝିଅଟିକୁ ପ୍ରେମ ପତ୍ରଟିଏ ଲେଖି । ସେଥିରେ ପୁଣି ଏତେ ସବୁ ବ୍ୟକ୍ତିଗତ ସମସ୍ୟା ଆଉ ଅଭିଯୋଗ । ଧେତ୍, ଚିଠିଟିଏ ବି ଠିକ୍ କରି ଲେଖି ଶିଖିପାରିଲାନି ସେ । ଖୁସିମିଜାଜ୍, ରସିକିଆ ଯୁବକଟିଏ ବୋଲି ଧାରଣା ଦେଇ ପାରିଥାନ୍ତା ! ଝିଅଟି ପ୍ରତ୍ୟାଖ୍ୟାନ କରିଦିଏ ଯଦି !!!

ସୋନକ ଅସ୍ଥିର ଭାବେ ଏପଟ ସେପଟ ହୋଇ ପଦଚାରଣ କରୁଥିଲା । ବାରମ୍ବାର ବେଡରୁମ୍‌ର ଝରକା ପାଖରୁ ଉଙ୍କି ମାରି ଦେଖୁଥିଲା । ଘଣ୍ଟାଟିରୁ ଅଧିକା ହୋଇଗଲାଣି, କାହିଁ ପିଲାଟି ଠକି ଦେଇ ଚାଲିଗଲାନି ତ ! ସାମ୍ନା ଘରର ଝରକାଟା ବି ଆଜି କାହିଁକି ବନ୍ଦ ଅଛି । ଫାଟକ ପାଖରେ ବି ପିଲାଟି ଦିଶୁନି । ଚିଠିଟି କାଳେ ଭୁଲ୍ ଲୋକ ହାବୁଡରେ ପଡିଯିବ, ସେହି ଭୟରେ ସୋନକ ଚିଠିରେ ଲେଖିଥିବା ପ୍ରତିଟି ଶବ୍ଦକୁ ଗୋଟେ ପରେ ଗୋଟେ ମନେ ପକେଇବାକୁ ଚେଷ୍ଟା କରୁଥିଲା ।

ପିଲାଟି ଏତିକି ବେଳେ ପାଦ ଚିପିଚିପି ଘର ଭିତରକୁ ପଶିଲା । ବହୁ ପରିଶ୍ରମ କରି କାଖରେ ଜାକିଥିବା ପ୍ରିୟ୍ ବଲ୍‌ଟାକୁ ଚଟାଣ ଉପରେ ରଖି ଟିକେ ନିଶ୍ୱାସ ନେଲା । ପିନ୍ଧି ଥିବା ନେଳି ମିଶା ହଳଦିଆ ରଙ୍ଗ ପ୍ୟାଣ୍ଟର ପଛ ପକେଟ୍‌ରେ ଆଣିଥିବା ଚିଠିଟାକୁ ଖୁବ୍ ଯତ୍ନର ସହ ସୋନକ ହାତକୁ ବଢେଇ ଖୁବ୍ ବଡ ବୁଝିବା ସୁଝିବା ଲୋକଟିଏ ଭଳି ଚିପା କଣ୍ଠରେ ଫୁସ୍‌ଫୁସ୍ କରି କହିଲା, "ସୋନୁ ଭାଇ, ଚିଠି" । ବୋଧହୁଏ ଆଉ କେହି ମିଳି ଯାଇଥିଲେ ତାକୁ ତା'ର ଛୋଟିଆ ପୃଥିବୀର ପରିଧି ବିସ୍ତାର କରିବାକୁ - ବଲ୍‌ଟିକୁ ଚଟାଣ ଉପରୁ ଉଠାଇ ସେ ଡେଇଁ ଡେଇଁ ବାହାରକୁ ଚାଲିଗଲା । ଚୁକ୍ତି କରିଥିବା ପାଉଣା କଥା ବି ଭୁଲି ଯାଇଥିଲା ।

ଭୟମିଶା ଆବେଗ ସହ ସୋନକ ଚିଠିଟି ଖୋଲିଲା -

ପ୍ରିୟ ସୋନକ,

ତୁମ ହାତ ଲେଖା ଚିଠିଟି ପାଇ ଆମ୍ଭହରା ହେଲି । ମୋ ନିଜ ଅଜାଣତରେ ହେଉ ବି ମୋତେ କେହି ଆପଣାର କରିବାର ସତ୍‌ସାହାସ କରିପାରେ, ଅନ୍ତତଃପକ୍ଷେ ଏ ବିଶ୍ୱାସ ମୋର କେବେ ନ ଥିଲା ।

ଖୁବ୍ ଉଚ୍ଚକୋଟୀର ତୁମେ, ଆଉ ତୁମର ତତ୍ତ୍ୱ । ନାରୀ ଜାତିକୁ ନେଇ ଏ ମାର୍ମିକ ବିଶ୍ଳେଷଣ । ନିଜେ ନାରୀଟିଏ

ତରଙ୍ଗବେଷ୍ଟିତ କାଙ୍କଣ ଶିଖରୀ,
ଆଦ୍ୟଫଳେ ଯାର ତରୀ ପୂର୍ଣ୍ଣ କରି ।

ହୋଇ ବି ତୁମର ଚେତନା ସ୍ତରକୁ ସ୍ପର୍ଶ କରିବାର ସାମର୍ଥ୍ୟ ମୋର ନାହିଁ। ମୁଁ ବୁଝିପାରୁନଥିଲି କିନ୍ତୁ, ନାରୀ ହେଉ ଅବା ପୁରୁଷ ଏକ ସୁରକ୍ଷିତ ବଳୟ ଭିତରେ ଜୀବନଟା କିଏ ବା ବଂଚିବାକୁ ଚାହେଁନା ! ଏକଥା ଯଦି ବା ଭିନ୍ନ, ଏକ ସୁରକ୍ଷିତ ଜୀବନ ବଞ୍ଚିବାର ସନ୍ଧାନରେ ହିଁ ଆମେ ବାସ୍ତବିକ ଅସୁରକ୍ଷିତ ହୋଇପଡୁ । ତାହା ତୁମ ମା'ଙ୍କର ଦହନୀୟ ଆଚରଣ ତଥା ତୁମର ଅସହାୟତାର କାରଣ ହୋଇପାରେ । ସୋନକ, ଏମିତି ପରିସ୍ଥିତି ସହ ଲଢୁଥିବା ବ୍ୟକ୍ତି ଏକୁଟିଆ ତୁମେ କିମ୍ବା ତୁମର ମା' ନୁହନ୍ତି । ବହୁ ଘରର କାହାଣୀ ଇଏ । ଭୁଲିଯାଇଛ ତୁମେ କିନ୍ତୁ, ତୁମ ମା'ର ସ୍ନେହ, ଆଦର, ଆଉ ଭଲ ପାଇବାକୁ । କେବେ ବୁଝିବାକୁ ଚେଷ୍ଟା କରିଛ ତୁମେ, ତୁମ ମା'ଙ୍କ ମନର ଅକୁହା ଯନ୍ତ୍ରଣାକୁ; ପ୍ରତି ମୁହୁର୍ତ୍ତରେ ନିଜ ଇଚ୍ଛା, ମତଲବକୁ ପ୍ରାଧାନ୍ୟ ଦେବା ପଛରେ ତାଙ୍କ ଜୀବନର ଅନ୍ତର୍ନିହିତ ଦ୍ୱନ୍ଦକୁ, କେଉଁ କୋଣରେ ଜୀବନ ସହ ଅନ୍ତରଙ୍ଗ ଭାବେ ଲୁଚିଥିବା ତାଙ୍କର ଅଭାବ ଆଉ ଅପରିପୂର୍ଣ୍ଣତାକୁ । କେମିତି ବୁଝିପାରୁନ ତୁମେ, ତୁମକୁ ଲାଗୁଥିବା ଅରୁଚିକର ବସ୍ତୁ ଅନ୍ୟ କାହା ଜୀବନର ଧେୟ୍ୟ । ଫରକ୍‌ଟା ଅବ୍ୟଶମ୍ଭାବୀ । ହେଲେ ଅନାବଶ୍ୟକ ଭାବରେ ଏତେ ସବୁ ଆମ୍ପୀଡା, ପ୍ରତିକ୍ରିୟା, ଘୃଣା ଆଉ ଦ୍ୱେଷ ଏସବୁ କେତେ ଦୂର ଯଥାର୍ଥ ? କେତେ ଦୂର ଯଥାର୍ଥ, ସାନ ଭଉଣୀର ଅପରିପକ୍ୱତା ଆଉ ବାଚାଳାମିର କାରଣ ନେଇ ତା'କୁ ନିଜଠୁଁ ସମ୍ପୂର୍ଣ୍ଣ ଅଲଗା କରିନେବା । କେଉଁଠି ଆଉ କାହିଁକି ମାରିଦେଇଛ ତୁମେ ତୁମର ସମ୍ବେଦନଶୀଳତାକୁ ?

ହୁଁ, ଛାଡ ସେ କଥା । ତୁମର ବ୍ୟକ୍ତିଗତ ଜୀବନ ଭିତରେ ଏମିତି ଧସେଇ ପଶିଯିବା ବୋଧେ ଠିକ୍ ହେଉନି । ଏହା ପରେ ତୁମଠୁଁ ଗୋଟେ ଗାଳି, ଗୁଲଜ ଭରା ଚିଠି ମୁଁ କେବେ ବି ଆଶା କରିବିନି । ମୁହୁର୍ତ୍ତଟିଏ ହେଲେ ବି ତୁମେ ମୋତେ ସ୍ୱପ୍ନରେ ଭିଜେଇ ଦେଇଥିଲ । ମୁଁ ଅନୁଭବ କରି ପାରୁଥିଲି ତୁମର ଉଦାର ଆଉ ପ୍ରଶସ୍ତ ହୃଦୟକୁ, ଭଲ ପାଇବାର ସେଇ ପରିପୂର୍ଣ୍ଣ ଆଉ ଅନନ୍ତ ସତ୍ତାକୁ । କେତେ ମହତ୍ ସତରେ ଯେଉଁମାନେ କେବଳ ଭଲ ପାଇବାର ନିଷ୍କଳଙ୍କ ଆଭୁଷଣରେ ଆଭୁଷିତ । କେତେ ସରଳ, ଆଉ ସଂପୂର୍ଣ୍ଣ ସେମାନଙ୍କର ଜୀବନ । ମୋତେ କିନ୍ତୁ ଭୁଲ ବୁଝିବନି ସୋନକ, ତୁମର ହୋଇପାରିବାର ଭାଗ୍ୟ ଆଉ ଅଧିକାର ନେଇ ମୁଁ ଜନ୍ମ ହୋଇନାହିଁ ବୋଧହୁଏ । ଦୁଇବର୍ଷ ତଳେ ଏକ ସଡକ ଦୁର୍ଘଟଣାର ଶିକାର ହୋଇଥିଲି ମୁଁ । ଭାଗ୍ୟବଶତଃ ମୁଁ ବଞ୍ଚିଯାଇଥିଲି ସିନା - ହେଲେ ସବୁଦିନ ପାଇଁ ମୁଁ ମୋର ଦୁଇ ଗୋଡ ହରାଇ ବସିଥିଲି । ଆଉ ତାହା ହେଉଛି ତୁମେ ଇର୍ଷା କରୁଥିବା ମୋର ଖିଆଲର ସ୍ୱାଧୀନତା ଆଉ ମୁକ୍ତିର ସଂସାର । କ'ଣ ଆଉ କରି ପାରିଥାନ୍ତି ମୁଁ, ଏକ ପଙ୍ଗୁର ଜୀବନ ନେଇ କେତେ ଦିନ ଅବା କାନ୍ଦନ୍ତି ଏ ନିବୁଜ କୋଠରୀ ଭିତରେ । ଝରକା ସେପଟର ଚଳଚଞ୍ଚଳ ଜୀବନ ବଞ୍ଚିବାକୁ ରାହା ଦିଏ ମୋତେ । ଏହି ମୋ ପାଇଁ ସବୁଠୁଁ ବଡ ସ୍ୱାଧୀନତା । ଉନ୍ମୁକ୍ତ ହୋଇଯାଏ ମୁଁ ଭିନ୍ନ ଏକ ପୃଥିବୀକୁ । ଅଧିକନ୍ତୁ ମଣିଷ ମନ ନେଇ ବଞ୍ଚେ । ସୋନକ୍, ଏସବୁ ଲେଖି ତୁମଠୁଁ ଦରଦ ଅବା ସାନ୍ତ୍ୱନା ମୁଁ ଲୋଡୁ ନାହିଁ । ତୁମେ ମୋ ବିଷୟରେ ଜାଣିବାକୁ ଚାହୁଁ ଥିଲ - ପ୍ରତ୍ୟୁତ୍ତରରେ କେବଳ ଲେଖୁଛି ମୁଁ।

ବାସ୍, ବେଶ୍ ଖୁସିରେ ବଞ୍ଚୁଛି ମୁଁ। ନା ମୁଁ ରାଗି ପାରୁଛି, ସେ ଦାୟିତ୍ୱହୀନ ଡ୍ରାଇଭରକୁ ନେଇ, ନା ବାପାଙ୍କ ଉପରେ ଯିଏ ମୋତେ ବା କରିଥିଲେ ସେଦିନ ଏକ ଅଶୁଭ ମୁହୁର୍ତ୍ତରେ ଘରୁ ବାହାରିଯିବା ପାଇଁ, ନା ମୋର ଭାଗ୍ୟ ଉପରେ ।

ସୋନକ, ବହୁ ସମୟରେ ଲାଗେ ଜୀବନର ଆଧାର ହିଁ ସତ୍ୟ । ବୋହି ଯାଉଥିବା ଘଟଣା ପ୍ରବାହ, କେଉଁ ଅତିସୁକ୍ଷ୍ମ ସ୍ତରରେ ଜୀବନକୁ ନୂଆ ଏକ ଦିଗଦର୍ଶନ

ବର୍ଷେବର୍ଷେ ହ୍ରଦ-ବିହାରୀ ଧୀବରେ
ଆବରେ ଫେରନ୍ତି ଲକ୍ଷ୍ମୀ-ରୋଷଘରେ ।

ଦିଏ, ପରିମାର୍ଜିତ, ଆଉ ପରିପୂର୍ଣ୍ଣ କରି ଗଢି ତୋଳେ । ହେଇ ଦେଖୁନ, କଣ ଫରକ୍ ଅଛି, ତୁମ ଆଉ ମୋ ଜୀବନ ଭିତରେ । ଏକ ଲମ୍ବା ବ୍ୟବଧାନ ପରେ ଗଲା ଦିନ ଗୁଡାକ ଆମେ କେମିତି ବଞ୍ଚିଥିଲେ - ଧନଧାନ୍ୟରେ ପରିପୂର୍ଣ୍ଣ ଅବା ଅଭାବରେ, କ୍ଷମତାର ବଶରେ ଅବା କ୍ଷମତାଶୀନ ହୋଇ, ଶାରିରୀକ ବିକଳାଙ୍ଗ ଅବା ସକ୍ଷମତା ଭିତରେ, ଜନ ସମର୍ଥନ ଅବା ଘୋର ଲୋକ ଅପବାଦ ଆଉ ଅପନିନ୍ଦା ଭିତରେ; ଜୀବନ ପାଇଁ ଏ କି ପ୍ରକାରର ଗୁରୁତ୍ୱ ବହନ କରିବ ? ଘଟଣା, ବସ୍ତୁ, ପାରିପାର୍ଶ୍ୱିକ କାରକମାନେ ବୋଧହୁଏ ଅବଚେତନ ସତ୍ତାର ଉଦ୍‌ବର୍ତ୍ତନ ପାଇଁ ଉଦ୍ଦିଷ୍ଟ । ସେସବୁକୁ ନେଇ ହଜିଯିବା ତୁମଭଳି ବିଚାରବନ୍ତ ବ୍ୟକ୍ତି ପାଇଁ ବୁଦ୍ଧିମାନର କାର୍ଯ୍ୟ ହୋଇନପାରେ ।

ଖୁବ୍ ଧନ୍ୟବାଦ ତୁମ ଚିଠି ପାଇଁ । ସୋନକ ତୁମେ ବୋଧହୁଏ ବିଶ୍ୱାସ କରିପାରିବନି - ତୁମେ ମୋ ପାଇଁ ନୂଆ କିମ୍ବା ଅପରିଚିତ ନୁହେଁ । ତୁମ ଝରକାର ଡଙ୍କା ପରଦା ପଛପଟେ ତୁମର ମୋତେ ଏମିତି ଲୁଚି ଛପି ଦେଖିବାର ଚପଳାମିକୁ ମୁଁ ବହୁବାର ଅନୁକ୍ଷଣ କରିଛି । ବୋଉ କହେ; ତୁମେ ଖୁବ୍ ଭଦ୍ର ଆଉ ମାର୍ଜିତ । ପଢାପଢିରେ ଖୁବ୍ ଆଗୁଆ ବୋଲି । ଆଉ ତୁମ ମା'ଙ୍କୁ ଆମ ଘରେ ସଭିଏଁ ଭୁରି ଭୁରି ପ୍ରଶଂସା କରନ୍ତି । ଖାଇବା ଟେବୁଲ୍‌ରେ ତୁମମାନଙ୍କର ଚର୍ଚ୍ଚାରେ ଏମିତି ଘଣ୍ଟା, ଘଣ୍ଟା ବିତିଯାଏ । ମୁଁ ବହୁଦିନ ଆଗରୁ ତୁମଠୁଁ ଚିଠିଟିଏ ଆଶା କରିଥିଲି, ହୁଁ ଆଶା କରିଥିଲି ଚିଠିଟିଏ, ପ୍ରେମିକାର ପ୍ରାଣ ନେଇ ନୁହେଁ, ବରଂ ଦରଦୀ ବଂଧୁଟି ହିସାବରେ । ସେତିକି ବୋଧେ ମୋର ପ୍ରାପ୍ୟ ।

ତୁମର 'ସ୍ମିତା'

ସୋନକ ହତବିମ୍ବ ହୋଇଯାଇଥିଲା । ବହିଯାଉଥିବା ବର୍ଷାର ପାଣି ଫୋଟକା ପରି ପ୍ରେମିକ ପ୍ରାଣଟି ତା'ର ଆଶାଶୂନ୍ୟ ଭାବେ ମରି ଯାଇଥିଲା । ସୋନକ ପୁଣି ଥରେ ଚିଠିଟି ଉପରେ ନଜର ବୁଲେଇ ଆଣିଲା । ଏଥର ସେ କିନ୍ତୁ ସ୍ପଷ୍ଟ ଦେଖିପରୁଥିଲା, ଦୁଇ ଟୋପା ଲୁହରେ ଭିଜିଯାଇଥିବା ସେଇ ହାତ ଲେଖା କାଗଜର ଆଡୁଆଳରେ ଏକ ଅଭିଶପ୍ତ ଜୀବନର ଇତିବୃତ୍ତି । କେତେ ଫରକ୍ ସତରେ ଏ ଜୀବନ ଗୁଡାକ ଭିତରେ; କେତେ ଭିନ୍ନ ସେମାନଙ୍କର ପୃଥିବୀ । ଅନାବଶ୍ୟକ ଭାବେ କିଛି ପ୍ରାଣ ଅର୍ଥ, ସମ୍ମାନ, ପାରିବାପଣିଆ କ୍ଷମତାର ବାହ୍ୟ ଆବରଣ ଭିତରେ ନିଜ ତଥା ନିଜ ସହ ସଂଶ୍ଲିଷ୍ଟ ଜୀବନମାନଙ୍କୁ ଏମିତି ଜଟିଳତାର ବୁଡିଆଣୀ ଜାଲରେ ଛନ୍ଦି ନିଅନ୍ତି; ଅନ୍ୟ କିଛି ପ୍ରାଣ ଜୀବନର ପ୍ରାରମ୍ଭରୁ କେଉଁ ଜନ୍ମର ଅଭିଶାପ ନେଇ ମୃତ୍ୟୁକୁ ବିନା ସର୍ତ୍ତରେ ଆପଣେଇ ନିଅନ୍ତି । କିଏ ଜାଣେ, କେଉଁ ଏକ ମହତ୍ ଉଦ୍ଦେଶ୍ୟର ଉଦ୍ଦେଶ୍ୟରେ ବିନା ବ୍ୟତିକ୍ରମରେ ଏଠି ସବୁ ସମସ୍ତ ପ୍ରାଣୀ ବ୍ୟକ୍ତିଗତ ସଂଘର୍ଷ ଆଉ ସମସ୍ୟା ଭିତରେ ବନ୍ଧା । ସେଥିରୁ ଅର୍ଦ୍ଧାଧିକ ସମସ୍ୟା ଆଉ ସଂଘର୍ଷ ସ୍ୱାର୍ଥପରତା ଆଉ ଅଂସପୂର୍ଣ୍ଣ ପାରସ୍ପରିକ ତର୍କକୁ ନେଇ । ନିଜର କ୍ଷୁଦ୍ର ଜୀବନର ଦୁଃଖ, କଷ୍ଟ, ଆଉ ଆତ୍ମସଂଘର୍ଷ ଭିତରେ ସୋନକ ଯେ ଏତେ ବଡ ସ୍ୱାର୍ଥପର ହୋଇଯାଇଛି - ବହୁ ବିଶ୍ଳେଷଣ ପରେ ବି ସେ ନିଜକୁ ଠିକ୍ ଭାବେ ବୁଝି ପାରୁନଥିଲା । ବ୍ୟକ୍ତିତ୍ୱରେ, ବ୍ୟବହାରରେ, ରଚନାରେ, ସାଙ୍ଗସାଥୀମାନଙ୍କ ମେଳରେ କ'ଣ ସବୁ ଯେ ସେ ଆତ୍ମ-ଅନୁଶୀଳନ, ଅନୁଚିନ୍ତା, ଆଉ ମୂଲ୍ୟବୋଧକୁ ନେଇ ଏତେ ସବୁ ବକ୍‌ବକ୍ କରେ ? କଣ ହୋଇଥାନ୍ତା, ଏହି ନିଷ୍ପାପ, ନିର୍ଦ୍ଦୋଷ ଅବଳାର ଭବିଷ୍ୟତ । ଗ୍ରହଣ କରିପାରିବ ସେ ଏବେ ସ୍ମିତାକୁ ଶଙ୍ଖା, ସିନ୍ଦୁର ଆଉ ବଧୁର ମର୍ଯ୍ୟାଦା ଦେଇ ! କିଏ ତାକୁ ଦେଇଥିଲା, ନିଜ ଜୀବନର ଅପରିପୂର୍ଣ୍ଣତା ଆଉ ଅଭାବବୋଧର ନିକିତିରେ ଅନ୍ୟ ଏକ ସଂଘର୍ଷରତ ଜୀବନକୁ ତଉଲିବାର ଅଧିକାର ? ସତରେ କ'ଣ ସେ ଘୃଣା କରୁଥିବା ଜନ୍ତୁମାନଙ୍କଠୁଁ ନିଜେ ସଂପୂର୍ଣ୍ଣ ଅଲଗା । ବୋଧହୁଏ, ନିଜ ଭିତରର ଅହଂଭରା ମଣିଷଟିଏ ତାକୁ

ସ୍ଥାନେ ସ୍ଥାନେ ନୀର ଭେଦିଛି ସୈକତ
ଶାରଦ-ଆକାଶେ ଯେହ୍ନେ ଛାୟାପଥ ।

ନିଜସ୍ୱ ଦୃଷ୍ଟିରେ ଏକ ଭଲ ମଣିଷର ଭ୍ରମସ୍ୱୀକୃତି ଦେଇଥିଲା ।

ସୋନକ ଅଣନିଶ୍ୱାସୀ ହୋଇଯାଉଥିଲା । ଫାଟକ ପାଖରେ ପିଲାଟି ବିନା ଦ୍ୱନ୍ଦରେ ଧୂଳି ଉଡେଇ ଉଡେଇ ଖେଳୁଥିଲା । ତଳେ ଟ୍ରକ୍‌ଟେ ଆସି ଠିଆ ହେଲା । ଖୁବ୍ ବେଗରେ ଘରଭିତରକୁ ପଶି ଆସୁ ଆସୁ ଶ୍ୟାମବାବୁ ପାଟି କରି କହୁଥିଲେ, "ସୋନୁ ଆଜି ଘର ସିଫ୍‌ଟ କରିବା ପରା..... " ।

-- 0 --

ଶେଷ ଦୃଶ୍ୟ

ବିଳାସ ବେହେରା

State Bank of Patiala

ଅହମଦାବାଦ୍, ଭାରତ

ସବୁ ଅନ୍ଧାରର ମୋହକୁ
ତୁଚ୍ଛକରି ବାହାରିଯିବାକୁ ହେବ
ପେଟ ପାଟଣାର ଦାଉରେ
ସୁଲୁସୁଲିଆ ପବନରେ
ଜହ୍ନ ଉଇଁ ଆସୁଥିବ
ନଡିଆ ଗଛର ବଉଦ ପିଠିରେ
ତରଳ ରୂପାର ରଙ୍ଗରେ
ଧୋଇ ହେଇଯାଉଥିବ ମନର ଅଗଣା
ତେବେ ବି ଯିବାକୁ ହେବ ।

ମଲ୍ଲୀଫୁଲ ଦେହର ଡାକରା
କଦମ୍ବ ଫୁଲର ସିନ୍ଦୁର ଟୋପାକୁ
ଏଡେଇ,
ଯିବାକୁ ହେବ ।

-- 0 --

Ancient Kalinga Trade and Commerce — A Historical Overview

Prof. Dr. Goura Chandra Das; MD, FRCS
d_gora@hotmail.com
New Delhi, India

The Mahabharata war completely devastated the Kalinga army and annihilated its ruling family, but what it could not do was to affect the sense of enterprise and independence of the nation. Soon after it regrouped itself and rose like a phoenix from the ashes. A neo-Kshatriya dynasty came into power following the Mahabharata war. The Buddhist work Digha

ତାରାପୁଞ୍ଜେ ଯଥା ଶୋଭେ ହରିତାଳୀ
ପୁଳିନ ତେସନ ଶୁଭ୍ର-ଶୁକ୍ତି-ଶାଳୀ ।

Nikaya indicates that under Sattabhu Kalinga regained her prestige and power and once again became notable among contemporary Indian states. Trade and commerce flourished and the nation became wealthy once again.

In the 4th. century B.C. Kalinga drew the attention of the Magadha King Mahapadmananda who according to the Puranas conquered Kalinga. As a battle trophy he took away the Kalinga Jina,an idol of Lord Parashvanath; the then Kalinga Kings and a sizable population were Jains in their religious belief. To placate the inhabitants he dug a canal near the capital city KalingaNagari which has been identified as Sishupalgarh near Bhubaneswar. Soon after the death of Mahapadmananda most of Kalinga became independent except for its north western part, even this became independent before the end of the Nanda dynasty. Chandragupta Maurya did not have any control over any part of Kalinga.

This intervening period of independence gave a boost to its trading activities. Contacts were made with the Greeks and Romans. Recent archaeological excavations at Tamralipti near modern Midnapur has revealed several artifacts of that period. Trade and cultural contacts were also made with southern Burma(Mynamar) and Sri-Lanka. This contact was later extended to present day Indonesia. The accounts of Greek writers such as Diodorus, Curtius, and Plutarch support the above facts. Pliny in his account mentions Kalinga. as Calingae and divides it into three divisions. From north to south these are Gangarides Calingae, Macco-calingae, and Calingae, robably a precursor of the later TriKalinga. Even though he names three different divisions he presents a common territorial boundary with a common capital. Megasthenes calls Kalinga as Gangaridum Calingarum Regia and describes it as an extreemly rich and powerful nation.

The increasing economic and political power of Kalinga drew the attention of Ashoka and led to his invasion in 261 B.C. After the Kalinga war it was integrated into the Maurya empire. But all historical evidence suggests that he had tremendous respect for the kalingans. He trusted the seafaring prowess of the Kalinga mariners so much that he sent his daughter Sanghamitra, son-in law along with eight Kalinga families of noble lineage on a Kalinga ship, from the Kalinga port Tamralipti for their missionary activity in Sri-Lanka. Soon after the death of Asoka Kalinga regained her independence and once again became rich and powerful.

In the first century B.C. her then King Kharavela avenged her defeat at the hands of the Magadha army and regained the Kalinga Jina. He extended his kingdom as far north as Mathura and to extreme south over-running the Pandya kingdom, to the west he won over the Rathikas and Bhojakas in present day Maharashtra. This prolonged period of political stability gave a tremendous boost to its trade and commerce. Its traders traveled to Burma, Sri-Lanka, Java, Bali, Sumatra, Cambodia, and Indo-China. Export of cotton, both coarse and fine, for which Kalinga was famous along with rice, hemp, jute, cocoanut products, areca nuts, and mollasses were carried out. Imports included silk, woolen rugs, perfumes, and drugs. Because of its excellent communication facility many of these items were re-exported to other parts of the country earning the traders a tidy profit. Oversea ports for trade then were Champa for trade with Subarnabhoomi(lower Mynamar). The SriLankan epic Mahavansa records intimate trade and commercial activity between Tamralipta and Tambapanni in SriLanka. Colonisation activities followed soon after and colonies were established in all these countries. Even today people in these countries refer with pride their Kalinga ancestary. The indigenous population of this area are of mixed Kalinga and Mon-Khemer descent. Even today a large population in

ଚାରୁ ତୀର ତୋର ଶୋଭାର ଆଶ୍ରମ
ଶୈଳ, ଟଙ୍କ, ବନେ ମଧୁର ବିଷମ ।

Burma,Malayasia and Java refer to themselves as Klings. There are yet others in Burma who call themselves Ukkala.

The growth of economic and political power of Kalinga affected the area in more ways than one. The present Bay of Bengal was reffered to as the Kalinga Sea. Ptolemy, the Greek geographer in his Magnum Opus Geographica has called it as the Kalinga Sea. Later the same name was used by Fa-Hien and as late as the early Moghul period Abul Fazal also called it as such.

After the death of Kharavela Kalinga was in turmoil again. The Murundas based at Pataliputra overran Kalinga and as they were pushed out of Magadha, they reigned from Kalinga. Guhashiva the last Murunda King of Kalinga was killed on the battle field but before his death he asked his daughter Hemlata and son-in-law Dantakumar to escape with the sacred tooth relic of Buddha to King Mahasena, his friend in SriLanka. They along with a very large number of Kalinga families emigrated to SriLanka in the year 304 AD. This sacred tooth is today housed in Kandy and the Singhalese claim to descend from these immigrants. A SriLankan government sponsored study is now underway to determine how the present Singhalese language developed from Oriya and find the roots of ancient Oriya words.

After defeating the Murundas in the 4th century AD the Matharas ruled Kalinga.They were followed by the Vasisthas and then the eastern Gangas and Vigraha held sway to be soon followed by the Bhauma-Karas. This period of political instability though not affecting trade and commerce substantially led to widespread emigration to the colonies already established. These emigrants took with them their culture religion arts and crafts enriching the culture of these colonies. In 411AD Fa-Hien, the Chinese traveller, mentions of large number of Kalinga Brahmans, Buddhists and settlers traveling to China and neibouring countries; some to preach and propagate their religion and others to settle down. Thus colonies were established in Myanmar, SriLanka, Indonesia, Malaysia, Cambodia, Vietnam, and Thailand and as far as the Philipine islands. The temple of ANKOR WAT is a product of this cultural synthesis as also the Javanese and Balinese Dance. Hinduism and Buddhism which flourished in these areas were as a result of this interaction.

During this period extensive and good roads passed through Kalinga connecting her ports and towns with those of southern, western, and northern India. The famous sea-ports of Kalinga then wereTamralipti, Palura, and Pithunda. Among these Tamralipti was pre-eminent and has been prominently mentioned in ancient Indian, SriLankan, Chinese, and Graeco-Roman accounts. The poet Dandin in his Dasakumaracharita has reffered to the coming of the Greeks to Tamralipta. Kalidas in Raghuvamsa refers to the King of Kalinga as the Lord of the Sea. To sustain its trading activities several industries developed. Periplus mentions of pearl fisheries of Kalinga. Ptolemy writes about the diamond mining activity near the present day Hirakud. Weaving of both high quality as well as coarse cloth was another important activity. Guilds of weavers, potters, and others were established and helped the King in the administration. The principal exports from Kalinga were cotton, spices, coconut, indigo, incense, ilvory articles, drugs, areca-nuts, etc. To Rome and Greece were exported pepper, cinnamon, bayleaf, jewellery, medicinal herbs, indigo, lycium, peacock feathers, gums, and resin. From these countries were imported wines, storax, aromatic substances, medicines, glass articles, gold and silver articles and female slaves.

Trade with the outside world made Kalinga economically prosperous and it witnessed a high standard of cultural advancement in spite of its political instability and chaos.

-- 0 --

ନୀଳଗଣ୍ଠ ଯାର ଗଭୀର ବିବର
ଫଣିପତ-ଫଣା-ମଣିରେ ଭାସ୍ୱର ।

ବଞ୍ଚିବାର ସ୍ୱପ୍ନ

ପଶାନ୍ତ କୁମାର ଓଝା
ବୈଜ୍ଞାନିକ, ରକ୍ଷା ବିଭାଗ, ଭାରତ

ଜୀବନର ଯୁଇ ଘରେ, ଅସ୍ତିତ୍ୱର ଦ୍ୱାହି,
କାହାର ବିଳାପ ଏ ଯେ ଶୁଭେ ରହି ରହି ।
ଘୋଷାରି ଘୁସୁରି ବୁଲେ ରକ୍ତହୀନ କଙ୍କାଳ,
କାଳେ କାହିଁ ମିଳିଯିବ ଆମ୍ବର ଟାକୁଆଟାଏ
ବା ମୁଠାଏ ପଖାଳ ।

ଶବର ମୁଲକ ଏତ, ପଚା ମଡ଼ ଗନ୍ଧରେ ଗନ୍ଧୁଛି,
ଚାରିଆଡ଼େ ହା ହା କାର, କିଏ ବା କାହାକୁ ପୁଛୁଛି ।
ଜମି ମାଟି ଠୋ ଠୋ, ଖୀର ନାହିଁ
ମାଁ ର ଥନରେ,
ପତକଲି ଖାଇଯାଏ, କିଏ କାହିଁ
ପ୍ରାଣ ବିକଳରେ ।

କୁକୁର ନଖରେ ବା ଶାଗୁଣା ଥଣ୍ଟରେ,
ଅସ୍ତିତ୍ୱ ତା ଝୁଣି ହୁଏ ଶୃଗାଳ ଦାନ୍ତରେ ।

କହ ବନ୍ଧୁ, କହ ଥରେ କିବା ତାର ଦୋଷ,
ପତିକ୍ଷଣେ ଭୋଗେ କାହିଁ ବିଧାତାର ରୋଷ ।
ତୁହି ପରା ବୈଜ୍ଞାନିକ ବିଜ୍ଞାନ ଗଢୁଛୁ,
ବ୍ୟୋମଜାନେ ଚଢି ତୁହି ଆକାଶେ ଉଡୁଛୁ,
ଈଶ୍ୱର ଦେବତା ସେ ଯେ ଆକାଶେ ଲୁଚିଛି
ଥରେ ତୁହି ପଚାରନା କାହିଁକି ରୁଷିଛି ।

ଲୁହ ଲହୁ ଶୁଖିଯାଏ ପ୍ରଚଣ୍ଡ ରୌଦରେ
ବଞ୍ଚିବାର ସ୍ୱପ୍ନ ଏଠି ଆଖିର କୋଣରେ
କେବେ ହେବ ଅନ୍ତ ଏହି କାଳର ରଜନୀ,
ସ୍ନେହ ମମତା ବର୍ଷାରେ ଭିଜିବ ରଜନୀ,
ଦରପୋଡ଼ା ମୁହେଁ ତାର ଫୁଟିବ ଯେ ହସ,
ମୁକ ପିଣ୍ଡେ ପଶିବ ଯେ ପ୍ରାଣ, ବୋଲିବ ସେ ଭାଷ ।

-- 0 --

Obsequious Obsequies

ପ୍ରସନ୍ନ ମିଶ୍ର, ଭୁବନେଶ୍ୱର
pkm1942@gmail.com

ପ୍ରସନ୍ନ ବାବୁ ଦୂରଦୃଷ୍ଟିର ପାଠକ ମାନଙ୍କ ସୁପରିଚିତ । ଗତକେତେ ସଙ୍ଖ୍ୟା ହେଲା ପ୍ରସନ୍ନ ବାବୁ ନାନା ବିଷୟରେ ପ୍ରବନ୍ଧ ମାନ ଲେଖିଆସୁଥିଲେ । ଅନ୍ତତଃ ଦୂରଦୃଷ୍ଟି ପାଇଁ ଏଇଟି ପ୍ରସନ୍ନ ବାବୁଙ୍କର ସର୍ବପ୍ରଥମ କବିତା ।

If I die at dawn

Stand at the window

ଭଗ୍ନ ଦୁର୍ଗ, ଜରାଜର୍ଜର ଦେଉଳ
ଶୈବାଳ ଅରଣ୍ୟ-ଲତା-ଗୁଳ୍ମାକୁଳ ।

And wait
For the breeze
To cheer you
For the rest of the day
With fragrance
Of the night flower
A handful of which
I always loved
To pour into your palms.

If I die
When the fiery disc
Is still young
Nurture that plant
The bud of which
Had you not restrained me
I would have plucked
And put in your soft locks.

If I die
When the sun is at its zenith
Put that apron
Around your head
Which you said
Was my talisman
Even while you are
In an unfriendly crowd.

If I die
After night's approach
Take that walking stick
I had promised
You to buy for me
And take you out
On a stroll
In the evening
On the bank
To watch the stream
Flowing into the sea.

-- 0 --

ମୋକ୍ଷ

ଅଭିରାମ
ବୋଷ୍ଟନ, ୟୁ.ସ୍.ଏ
indianpresent@yahoo.com

ହରିଦ୍ୱାର ରେ ପହଞ୍ଚିବା ବେଳକୁ ସକାଳ ସାତଟା । ଗହଳ ଚହଳ ବଡି ଗଲାନି, ରାସ୍ତା ଘାଟ ପୁରପୁରି ଭିଡ । ହରିଦ୍ୱାରରେ ସକାଳୁ ବେଶି ଭିଡ ଦିନ ଅପେକ୍ଷା । ବ୍ରାହ୍ମଣ , ବେପାରି, ବୁଢା ବୁଢି ଠୁ ଆରମ୍ଭ କରି ଯୁବକ ଯୁବତୀ ପର୍ଯ୍ୟନ୍ତ ସମସ୍ତେ ମୋତେ ସକାଳୁଆ କାକର ବିନ୍ଦୁ ଜଡିତ ସଜ ଫୁଲ ପରି ଦିଶୁଥାନ୍ତି । ମନରେ ଶାନ୍ତି ଓ ନୀରବତା, ଏହା ନିଶ୍ଚୟ ଏଇ ଜାଗାର ମହତ୍ତ୍ୱ । ହରିଦ୍ୱାର ବୁଲିବା ପଛରେ ଯେଉଁ ନିହିତ ସ୍ୱାର୍ଥ ଟିକକ ମନରେ ଥାଏ ତାହା ହେଲାଲ୍ଲୁ ଗୋଟେ ଛୋଟ ଗାଁ ବିଷୟରେ ପଢିଥିଲି ଗୋଟେ ଇଙ୍ଗ୍ଲିଶ୍ ମଗାଜିନ୍‌ରୁ , ୪-୫ ବର୍ଷ୍ ତଳେ ।

ସେ ଗାଁ ରେ ଯେଉଁ ବାବା ଆଶ୍ରମ କରି ରହିଥିଲେ, ସେ ଥିଲେ ତ୍ରିକାଳ ଦର୍ଶି । ଜଣେ ଶିଷ୍ୟ ବାବାଙ୍କ ମହିମା ଗାଇ ଗାଇ ଗୋଟେ ଇଙ୍ଗ୍ଲିଶ୍ ପତ୍ରିକାରେ କିଛି ଲେଖିଥିଲେ । ସେବେଠୁଁ ମନରେ କାହିଙ୍କି ଗୋଟେ

ମୂର୍ତ୍ତିମତୀ ହୋଇ ଭବଭଙ୍ଗୁରତା
ପ୍ରତିଧ୍ୱନୀଚ୍ଛଳେ କହେ ଯହିଁ କଥା ।

ଅହେତୁକ ଆକର୍ଷଣ ଅନୁଭବ କରୁଥିଲି ବାବାଙ୍କ ଦର୍ଶନ ପାଇଁ ।

ବରଫ ଭଳି ଥଣ୍ଡା, ସ୍ୱଚ୍ଛ ଗଙ୍ଗା ପାଣିରେ ଘଣ୍ଟାଏ ବାଡେଇ ପିଟି ହେଲା ପରେ ମନ ଶାନ୍ତି ଲାଗିଲା । ପାଖରେ ଗୋଟେ ଦେବୀ ମନ୍ଦିର, ମନ୍ଦିରର ଭିତରେ କିଛି ଲୋକ ଭାନ୍ ଗାଉଥାନ୍ତି । ମୁଁ ଗୋଟେ ପାଖରେ ବସି କିଛି ସମୟ ।ନ କଲି. ବେଶି ସମୟ ରହିବାକୁ ଇଚ୍ଛା ଥାଏ । ମନ୍ଦିର ଆଗରେ ଛିଡା ହେଲେ ଦେଖଯାଏ, ହିମାଳୟ । ଯିଏ ଯାହା କହୁନା କାହିଁକି, ହିମାଳୟର ଦର୍ଶନରେ ଯେଉଁ ସ୍ଥିରତା ମନରେ ଆସେ ତା ଅବର୍ଣ୍ଣନୀୟ । ମୋତେ ଲାଗେ ଯେମିତି ନିଶ୍ଚଳ ହିମାଳୟ ମଣିଷକୁ ତା' ଗତାନୁଗତିକ ଜୀବନରୁ ଉର୍ଦ୍ଧକୁ ଉଠିବାକୁ ଆହ୍ୱାନ୍ କରେ । ସ୍ଥିରତାରେ ମିଶି ଯିବାକୁ ହାତ ଠାରି ଡାକେ । ସେ ଡାକରେ ଏତେ ମୋହ ଅଛି ସତେ, ମୁ ଟାଣି ହେଇ ଯାଉଥିଲି ।

ବହୁତ କଷ୍ଟରେ ଗୋଟେ ଖଚର ବାଲା ମିଳିଲା । ଲୋକଟିର ଦୁଇଟି ଖଚର । ଗୋଟିକରେ ମୁଁ ବସିବି, ଆଉ ଗୋଟିକରେ ସେ ଓ ମୋର ଗୋଟେ ବ୍ୟାଗ୍ । ଜଲ୍‌ଦି ବାହୁରି ବାକୁ ପଡିବ, ଘାଟି ଦୁଇଟା ବାଟରେ ଅଛି । ବାଟ ମଝିରେ ରହିବା ର କିଛି ବ୍ୟବସ୍ଥା ନାହିଁ । ଯଦି କିଛି ସୁବିଧା ଅସୁବିଧା ହୁଏ, ଡେରା ମାରି ରହିବାକୁ ହୁଏ । ହରିଦ୍ୱାର ରୁ ବାହାରି ଗୋଟେ ଛୋଟ ରାସ୍ତା ନେଇ, ଗଙ୍ଗା କୂଳରେ ଆମେ କିଛି ବାଟ ଗଲୁ । ମଝିରେ ମଝିରେ ଆମକୁ ଛୋଟ ଛୋଟ ନାରିହ ଝରଣା ଅତିକ୍ରମ କରିବାକୁ ପଡିଲା । ତାପରେ ଜଙ୍ଗଲ ଭିତର ଦେଇ ଗୋଟେ ସରୁ ରାସ୍ତା, ସେଇଟା ଲମ୍ବି ଯାଇଛି ହିମାଳୟର ଅନ୍ତର୍ଦେଶକୁ । ଯେଉଁଠି ଟିକେ ବଡ ବଡ ଗଛ କମ୍ ସେଠି ହିମାଳୟ ସୂର୍ଣ୍ଣ ରୂପେ ବିଦ୍ୟମାନ ହେଉଥାଏ । ଗାଁରେ ପହଞ୍ଚିବା ବେଲକୁ ୪ଟା । ଖରା କିନ୍ତୁ କମି ନଥାଏ । ଆଶ୍ଚର୍ଯ୍ୟ ଲାଗିଲା, ହିମାଳୟ ପାଦ ଦେଶରେ ଖରାର ପ୍ରକୋପ ଏତେ ବେଶି ବୋଲି ମୁଁ ଜାଣିନଥିଲି ।

ଛୋଟ ଗାଁ ଟିଏ, ୨୦-୨୫ ଘର ହେବ ବୋଧେ । ଘର ବୋଲି ମୁଁ ଯାହା କହୁଛି ତାହା ଗୋଟେ ଗୋଟେ ବଡ କୁଡିଆ । ଲୋକବାକ କିନ୍ତୁ କେହି ଦେଖା ଯାଉ ନଥିଲେ । ଖଚର ବାଲା ବୁଝେଇ ଦେଲା, ଆଉ କିଛି ସମୟ ପରେ ଲୋକ ସବୁ ଘରୁ ବାହରିବେ, ଟିକେ ଖରା କମିଲେ । ଗାଁର ଦୁଇ ପଟରେ ବହି ଯାଇଛି ଦୁଇଟି ଛୋଟ ନଈ । ଗୋଟେ ବଡ ନଦୀ ଉପର ମୁଣ୍ଡରେ ଦୁଇ ଭାଗ ହେଇଛି, ମଝିରେ ଗାଁ । ଆଶ୍ରମଟି ଗାଁର ଶେଷ ମୁଣ୍ଡରେ । ଗାଁ ଆଉ ଆଶ୍ରମକୁ ଅଲଗା କରିଛି ଗୋଟେ ପୋଖରି । ପୋଖରି ଦୁଡାରେ ଗୋଟେ ମନ୍ଦିର । ଗ୍ରାମ୍ୟ ଦେବତୀ ନିଶ୍ଚୟ । ଶୁଣିଛି, ଏଇ ପାଖରେ କୋଉଠି ଅଭିମାନୀ ଦୁର୍ଯୋଧନକୁ ପୂଜା କରାଯାଏ । ଆଶ୍ଚର୍ଯ୍ୟ ଏଇ ଭାରତ ବର୍ଷ, ଆଶ୍ଚର୍ଯ୍ୟ ତାର ଇତିହାସ, ଯାହାର ଅନୁଭବ କରିବା ନିମନ୍ତେ ଯୁଗ ଯୁଗର ତପସ୍ୟା ଆବଶ୍ୟକ ।

ଖଚର ବାଲା ମୋତେ ଗାଁ ମୁଣ୍ଡରେ ଛାଡି ଦେଇ ଗଲା । ତାକୁ ଆଜି ରାତିରେ ରହିବାର ବ୍ୟବସ୍ଥା କରିବାକୁ ପଡିବ । ମୁଁ କିନ୍ତୁ ଆଶ୍ରମରେ ରହିବି ବୋଲି ମନସ୍ଥ କରିଥାଏ । କିଛି ତ ବ୍ୟବସ୍ଥା ଥିବ ନିଶ୍ଚୟ । ଏମିତି ଭାବୁ ଭାବୁ ହତା ଭିତରେ ପଶିଲି । ହତାଟି ବହୁତ ବଡ, ଆକ୍ଷରିକ ଅର୍ଥରେ ଆଖି ପାଉ ନଥାଏ । ୧୦୦ ଏକରରୁ ବେଶି ହେବ ବୋଧେ । ମଝିରେ ଦୁଇଟି ଘର । ଚାଲି ଚାଲି ଘରର ପାଖା ପାଖି ହେଲିଣି, ଜଣେ ସୌମ୍ୟ ଦର୍ଶୀ ଯୁବକ ଘରୁ ବାହାରି ଆସିଲେ । ମୋରି ବୟସର ହେବେ ବୋଧେ ।

- ଜୀ ନମସ୍ତେ । ସେ ହାତ ଯୋଡିଲେ ।
- ନମସ୍ତେ ।
- ମୋର ନାମ୍ ରାଘବ୍ । ଅନ୍ଦର୍ ଆଇୟେ, ବହୁତ୍ ଗରମ୍ ହେ ।

କୁରଙ୍ଗ କୁରଙ୍ଗୀ ଚିର-କ୍ରୀଡ଼ା-ସ୍ଥଳ
ନବଦୁର୍ବାଦଳ-ଶ୍ୟାମଳ ଶାଦ୍‌ବଳ ।

ଭିତରକୁ ପଶିଲି । ବସି ଯାଉ ଯାଉ, ଗୋଟେ ୧୭-୧୮ ବର୍ଷର ପିଲା ଗିଲାସେ ଦହି ରଖି ଦେଇଗଲା । ଧନ୍ୟବାଦ ଜଣେଇ ଡୋକେନେଲା ପରେ କହିଲି - ମେଇନ୍, ଅଭି ଅଭି ଉଡିଶା ସେ ଆୟା ହୁନ୍ । ହରିଦ୍ୱାର୍ ଘୁମ୍ନେ ଆୟାଥା , ବାବାଜି କେ ଦର୍ଶନ୍ କର୍ ନେ ଚଲା ଆୟା ।

- ଆପଣ ତାହାଲେ ଓଡିଶାରୁ । ସେ ଓଡିଆରେ କହିଲେ ।
- ଆପଣ, ଓଡିଶାରୁ ! ମୁଁ ଟିକେ ଅସ୍ୱସ୍ତି ଅନୁଭବ କଲି ।
- ଆପଣ ବୋଧେ ଜାଣି ନାହାନ୍ତି, ବାବା ୨ ବର୍ଷ ତଳେ ମହାସମାଧି ନେଲେ ।

ମୁଁ ଚମକି ପଡିଲି, ଏତେ ବାଟରୁ ଏତେ ଆଶା ନେଇ ଆସିଲି ...କିଛି ହେଲାନି? ରାଘବଙ୍କ ଆଖିରେ ଲୁହ ଜକେଇ ଆସୁଥିଲା । କଣ ପାଇଁ କେଜାଣି ମୋ ଶରୀର ଓ ମନରେ କିଛି ହରେଇଥିବାର ଅନୁଭବ କରୁଥିଲି ।

- ବାବା କଣ ଏଇଠି ସମାଧି ନେଲେ?
- ନା । ସେ ଗୋଟେ ଲମ୍ବା କାହାଣୀ । ଆପଣ ଟିକେ ବିଶ୍ରାମ କରି ସାରନ୍ତୁ, କହିବି ।

ରାଘବ ତାପରେ ଶମ୍ଭୁ ବାବାଙ୍କ ଜୀବନ ବିଷୟରେ ଯାହାସବୁ କହିଲେ ତାହା ଏଇ ପ୍ରକାରର...

****

ଶମ୍ଭୁଙ୍କ ବାପା ରୁଦ୍ର ସାମନ୍ତରାୟଙ୍କର ଛୋଟ ପରିବାରଟିଏ । ସ୍ୱାମୀ, ସ୍ତ୍ରୀ, ବୁଢି ମା ଆଉ ପୁଅଟିଏ, ଝିଅଟିଏ । ଶମ୍ଭୁଙ୍କୁ ଯେତେ ବେଳେ ୨୫ ବର୍ଷ ପୁରିଲା ରୁଦ୍ର ବାହାଘର ଖୋଜା ଖୋଜି ଆରମ୍ଭ କଲେ । କିନ୍ତୁ ଶମ୍ଭୁ ସଂପୂର୍ଣ୍ଣ ଭାବେ ମନା କଲେ । ସେ ସନ୍ୟାସ ନେବାକୁ ମନେ ମନେ ସ୍ଥିର କରି ସାରିଥିଲେ । ମା ସିଧା ମନାକରିଦେଲେ, ବାପା ଭି ସଂପୂର୍ଣ୍ଣ ଭାବେ ଶୁଣିବାକୁ ନାରାଜ୍, କିଛି ବୁଝି ପାରୁନଥାନ୍ତି ଶମ୍ଭୁ । ସେ ଅପେକ୍ଷା କରିବାକୁ ପ୍ରସ୍ତୁତ ଥିଲେ, ତାହା ଯେତେ କଷ୍ଟଦାୟକ ଆଉ ଲମ୍ବା ହେଉ ମ, କିନ୍ତୁ ନା ଶୁଣିବାକୁ ନୁହେଁ । ଜୀବନ ତାଙ୍କୁ ଯେଉଁ ଦିଗକୁ ଯିବାକୁ ଆହ୍ୱାନ କରୁଛି ତାହା କଣ୍ଟକିତ ହେଲେ ବି ସନ୍ଧାନ ଯୋଗ୍ୟ । ଏତକ ସେ ବୁଝି ପାରିଥିଲେ । କିଛି ରାସ୍ତା ମିଳୁନଥାଏ ତାଙ୍କୁ, ବ୍ୟତିବ୍ୟସ୍ତ ଲାଗୁଥାଏ, ଘର ଦ୍ୱାର, ସଂସାର । ଅଣନିଶ୍ୱାସୀ ହୋଇ ପଡୁଥାନ୍ତି ସେ । ଶେଷକୁ ଯେଉଁ ପଦକ୍ଷେପଟି ସେ ନେଲେ ସେଥି ପାଇଁ ସେ ନିଜକୁ କେବେ କ୍ଷମା କରିନାହାନ୍ତି । "ବୋଉ, ବାପା, ମୋର ଭୂମିଷ୍ଠ ପ୍ରଣାମ । ଜୀବନରେ ଭଗବତ୍ ଦର୍ଶନ ଛଡା ଆଉ କିଛି ଲକ୍ଷ ନାହିଁ । ଏ ଜୀବନରେ ତୁମର କିଛି ସେବା କରି ପାରିଲି ନାହିଁ, ଭଗବାନଙ୍କ ପାଖରେ ପ୍ରାର୍ଥନା, ଆଉ ଗୋଟେ ଜନ୍ମ ଦେବେ ଏ ଋଣ ସୁଝିବା ପାଇଁ । ଯେବେ ଭଗବାନଙ୍କ ଦର୍ଶନ ଲାଭ କରିବି, ଫେରି ଆସିବି । ନହେଲେ ମୋତେ ତୁମେ ଜୀବନ ଯଜ୍ଞରେ ଆହୁତି ଦେଇ ଦେବ । ଇତି ତୁମର କୁଳାଙ୍ଗାର ଶମ୍ଭୁ ।" ଏତକ ଲେଖି ରାତି ଅନ୍ଧାରରେ ଘରୁ ଚାଲିଆସିଲେ ଶମ୍ଭୁ ।

ଗୁରୁଙ୍କ ପୁରୀ ଆଶ୍ରମରେ ପହଞ୍ଚିଲା ବେଳକୁ ସକାଳ । ଆଶ୍ରମ ବାସି କାମ ଦାମରେ ଲାଗି ଗଲେଣି । ଗୁରୁଙ୍କ ଘର କବାଟ ଖୋଲିନି ଏପର୍ଯ୍ୟନ୍ତ । ୨୩ ଜଣ ଫୁଲ ଧରି ଅପେକ୍ଷା କରି ଥାନ୍ତି । ଗୁରୁ ଟିକେ ଡେରିରେ କବାଟ ଖୋଲନ୍ତି । ସକାଳ ସମୟଟା ଯାହା ସେ ନିଜ ପାଇଁ ଦେଇଛନ୍ତି, ନହେଲେ ବାକି ସମୟ ସେ ସମସ୍ତଙ୍କର । ଶମ୍ଭୁ ଅପେକ୍ଷା । କଲେ. କବାଟ ଖୋଲିଲା, ସମସ୍ତେ ପ୍ରଣାମ ଜଣାଇ ସାରିଲା ପରେ, ଶମ୍ଭୁ ଶାଷ୍ଟାଙ୍ଗ ପ୍ରଣିପାତ ହେଲେ ।
- କେତେ ବେଳେ ଆସିଲୁ? ଗୁରୁ ପ୍ରଶ୍ନ କଲେ ।
- ଏବେ, ଆଜି ସକାଳୁ ।

ବିଶାଳ ପୁଳିନ ମନମୋହକରୀ
ମରୀଚିକା ଯାର ଚିର ସହଚରୀ ।

- ଭାରି ଗମ୍ଭୀର ଜଣା ପଡୁଛୁ ।
- ଘର ଛାଡି ଆସିଛି. ଗୁରୁଙ୍କ ପାଖରେ ରହିବି । ଆଉ କିଛି ଇଚ୍ଛା ନାହିଁ ।

ଗୁରୁ ହଠାତ୍ ଅନ୍ୟମନସ୍କ ହେଇ ଗଲେ । କିଛି ମୁହୁର୍ତ୍ତ ପରେ କହିଲେ
- ଏବେ ଫେରିଯା, ତୋର ସମୟ ହେଇନି ।
- ମୁଁ ଆଉ ଫେରିବିନି । ଯାହା ହେବ ଏଇଠି ହେଉ । ମୁଁ ଆଉ ରହି ପାରୁନି, ଅଣନିଶ୍ୱାସୀ ଲାଗୁଛି ମୋତେ ।
- କିଛି ଦିନ ରହିଯା ତାହାଲେ ।
- କିନ୍ତୁ ଫେରିଯିବି କୋଉଠିକି ? ସବୁତ ଛାଡି ଆସିଛି ପଛରେ ।
- କଥା ମାନି ନେ ।

ଏତକ କହି, ଗୁରୁ ଘର ଭିତରକୁ ଚାଲିଗଲେ । ସେଦିନ ବ୍ୟତିକ୍ରମ ହେଲା, ଗୁରୁ ଆଉ ବାହାରକୁ ବାହାରିଲେ ନାହିଁ । କୋହ ଚାପି ଦିନ ସାରା ଅପେକ୍ଷା କଲେ ଶମ୍ଭୁ । ଆକାଶ ଛିଡି ପଡୁଥିଲା, ମାଟି ଖସି ଯାଉଥିଲା ପାଦ ପାଖରୁ । "କଣ କରିବି, ଏ ଜୀବନର ମୂଲ୍ୟ ବା କଣ । ଆଉ ଶାନ୍ତି ନାହିଁ, ଆଉ କିଛି ରାସ୍ତା ନାହିଁ । ଯାହାଙ୍କୁ ଭରସା କରି ସେ ସବୁ ତ୍ୟାଗ କରିଥିଲି, ସେ ହିଁ ଫେରେଇ ଦଉଛନ୍ତି । କିନ୍ତୁ ଫେରିବା କଣ ସହଜ? କାହା ପାଖକୁ ଫେରିବେ? ତ୍ୟାଗର ମାନେ କଣ? ନା, ଗୁରୁଙ୍କ ଆଦେଶ ମାନି ବାକୁ ହେବ । କିନ୍ତୁ ଘରକୁ ଫେରି ଯିବିନି, କର୍ମ କ୍ଷେତ୍ରକୁ ବି ନୁହେଁ । ଚାଲିଯିବି ବହୁ ଦୂରକୁ, ଯେଉଁଠି ନିଜକୁ ମ ଖୋଜି ପାଇବିନି, ହଜିଯିବି ଜନ ସମୁଦ୍ରରେ । " ସେଇ ରାତିରେ ଆଶ୍ରମ ଛାଡିଲେ ଶମ୍ଭୁ ସବୁଦିନ ପାଇଁ । ଆଉ ଫେରି ଯାଇ ନାହାନ୍ତି ।

ହରିଦ୍ୱାର ଚାଲିଆସିଲେ । ଗୋଟେ ହୋଟେଲ୍ ମାଲିକ ପାଖରେ ରହି ହିସାବ ବୁଝା ବୁଝି କାମ କଲେ । ଏମିତି ୨୦ ବର୍ଷ ବିତିଗଲା । ହୋଟେଲ୍ ବାଲା ସନ୍ତାନ ହୀନ । ମୃତ୍ୟୁ ପୁର୍ବରୁ, ଶମ୍ଭୁଙ୍କୁ ସବୁ ସଂପତି ବାଡିର ଦୟିତ୍ୱ ନେବା ପାଇଁ ବା କରୁଥିଲା ବୁଢା । ଶମ୍ଭୁ ମନା କଲେ, ଜୀବନର ଲକ୍ଷ ଭୁଲି ନାହାନ୍ତି ସେ, ସାଧନ୍ତାର ତୃଟି କରିନାହାନ୍ତି । ଗୁରୁଙ୍କ ଆଦେଶ ସେ ଅମାନ୍ୟ କରି, ସାଧନାରେ ହେଳା କରିନାହାନ୍ତି । ବୁଢା ଆଶ୍ରମ ଉଦ୍ଦେଶ୍ୟରେ କିଛି ଜମି ଦେଲା, ଏଇ ଜମିରେ ଗୁରୁଙ୍କ ନାମରେ ଆଶ୍ରମ ପ୍ରତିଷ୍ଠା କଲେ ଶମ୍ଭୁ । କିଛି ପିଲା ଆସି ଶିକ୍ଷା ଗ୍ରହଣ ଶିଖନ୍ତି । ଆଶ୍ରମରେ କିଛି ଚାଷ ବାସ ହୁଏ । ଗାଁ ଲୋକ କିଛି ଭିକ୍ଷା ଦିଅନ୍ତି ଏମିତି ଚାଲେ ।

****

- ତା ପରେ, ମୁ ରାଘବଙ୍କୁ ଚାହିଁ ପଚାରିଲି
- ରାଘବ କହୁଥାନ୍ତି . . .

****

ସମୟ ତାର ଚକ ଘୋଷାରି ନେଉଥାଏ ସମସ୍ତଙ୍କ ଉପରେ, ଜାଣତରେ ବା ଅଜାଣତରେ । ଶମ୍ଭୁ ବାବାଙ୍କ ଶରୀର ଦିନକୁ ଦିନ କ୍ଷୀଣ ପଡି ଆସୁଥାଏ । ଆଉ ବିଶେଷ ଚାଲି ପାରୁନଥାନ୍ତି, ମୁଁ ଆଶ୍ରମର ଦାୟିତ୍ୱ ନେଲି । ବାବା ପ୍ରାୟ ନିଜ କୁଡିଆରେ ।ନ କରନ୍ତି ନହେଲେ ହିମାଳୟ କୁଚାହିଁ ରହନ୍ତି ଘଣ୍ଟା ଘଣ୍ଟା ଧରି । କେବେ କେବେ କାନ୍ଦିବା ମୁ ଶୁଣିଛି । ଦୁଇ ବର୍ଷ ତଳେ, ଦିନେ ରାତି ଅଧରେ, ବାବା ମୋତେ ନିଦରୁ ଉଠେଇଲେ ।

- ବାପା ରଘୁ, ଉଠିଲୁ, ଉଠ୍ ।
- ବାବା ଏତେବେଳେ ! କିଛି ଅସୁବିଧା ହେଲା କି ?
- ନା ବାପା, କିଛି ଅସୁବିଧା ହେଇନି । ତୁ ଜଲ୍ଦି ବାହାରେ, ମୋତେ ପୁରୀ ନେଇଚାଲ୍ ।

ସେଇ ରାତିରେ ଆମେ ଗୋଟେ ଖଚର ଯୋଗାଡ କରି

ଦ୍ୱୀପମାଳା ଶସ୍ୟେ ହରିତାୟମାନ
ଏମାନେ ତୋହର ଶୋଭା ଉପାଦାନ ।

ହରିଦ୍ୱାର ଗଲୁ । ସେଠୁ ଟ୍ରେନ୍ ଧରି ପୁରୀ । ଦି ଦିନ ଟ୍ରେନ୍ ଯାତ୍ରା ରେ ଆମେ ଦୁଇ ପଦ କଥା ହେଇଥିବୁ ପରା । ସେ କିଛି ଆହାର କରୁ ନଥାନ୍ତି, ମଝିରେ ମଝିରେ ଖାଲି ଯାହା କ୍ଷୀର ଗିଲାସେ । ଷ୍ଟେସନ୍‌ରୁ ଅଟୋ ଟିଏ ଯୋଗାଡ କରି ଆମେ ଚାଲିଲୁ ଗୋଟେ ଆଶ୍ରମ ଆଡେ । ବାବା ବାଟ କଡେଇ ନେଉଥାନ୍ତି ।

ଆଶ୍ରମରେ ଭିଡ, ସମସ୍ତେ ଗମ୍ଭୀର । ଆଶ୍ରମ ଭିତରୁ ଗାୟତ୍ରି ମନ୍ତ୍ରର ପ୍ରତିଧ୍ୱନି ଶୁଣା ଯାଉଥିଲା । ବାରେଣ୍ଡା ଉପରକୁ ଉଠି ପଡିଲୁ । ବାବା ସେତେ ପର୍ଯ୍ୟନ୍ତ ଗୋଟେ ହାତରେ ବାଡି ଖଣ୍ଡେ ଆଉ ଗୋଟେ ହାତ ମୋ କାନ୍ଧରେ ରଖିଥିଲେ । ହଠାତ୍ ସବୁ ଛାଡି ଦେଲେ । ମୁହଁ ମାଡି ପଡି ଯାଉ ଯାଉ ମୁଁ ଧରି ପକେଇଲି । ମୋତେ ଛାଡ୍ - ଆଦେଶ ଆସିଲା । ଘୁଷୁରି ଘୁଷୁରି ସେ ଘର ଭିତରକୁ ଯିବାକୁ ଚେଷ୍ଟା କରୁଥାନ୍ତି । ସତେ ଯେମିତି ଏ ଯାତ୍ରା ତାଙ୍କ ନିଜର, ଆଉ ଏଥିରେ ସେ କାହାକୁ ନେଇ ପାରିବେନି । ଘରର ଶେଷ ମୁଣ୍ଡରେ ଗୋଟେ ଖଟିଆରେ ଶୋଇଥାନ୍ତି ଜଣେ ସାଧୁ । ଶରୀର ତାଙ୍କର ତେଜ ମୟ । ଘର ଭିତରଟା ଚନ୍ଦନ, ତୁଳସି ବାସ୍ନାରେ ଭରି ଉଠୁଥାଏ । ବିଶ୍ୱାସ କରିବେନି, ସେପରି ବାସ୍ନା ଶ୍ରୀମନ୍ଦିର ଛଡା ଆଉ କେଉଁଠି ମୁଁ ଅନୁଭବ କରିନି । ଧୀରେ ଧୀରେ ଶମ୍ଭୁ ବାବା ସେ ସାଧୁଙ୍କ ପାଖା ପାଖି ହେଉଥାନ୍ତି । ସାଧୁ ମୁହଁ ବୁଲେଇ ଚାହିଁଲେ । ତାଙ୍କ ଆଖିରୁ ଦୁଇ ଧାର ଲୁହ ଗଡି ଶୁଖି ଯାଇଥାଏ । ଥର ଥର ହାତଟି ସେ ଶମ୍ଭୁ ବାବାଙ୍କ ପାଖକୁ ବଢେଇଲେ । ମୋର ଆଉ ଖିଆଲ ନଥାଏ, ଶମ୍ଭୁ ବାବା ସେତେବେଳକୁ ତଳେ ସାଷ୍ଟାଙ୍ଗ ପ୍ରଣିପାତରୁ ଧୀରେ ଧୀରେ ଉଠୁଥାନ୍ତି । ସେଇ ଆଣ୍ଠୁଆ ଅବସ୍ଥାରେ ଦୁହେଁ ପରଷ୍ପରର ହାତ ଜାବୁଡି ଧରିଥାନ୍ତି । ମୋତେ ଲାଗିଲା ଯେମିତି ଭକ୍ତ ଭଗବାନଙ୍କର ପବିତ୍ର ମିଳନ ମୁଁ ଦେଖୁଛି ।

- ଏତେ ଡେରି କଲୁ, ଶମ୍ଭୁ? ଦି ଦିନ ହେଲା ଅପେକ୍ଷା କରିଛି ।

- ମୋର ଭୁଲ ପାଇଁ ମୋତେ କ୍ଷମା କରନ୍ତୁ ଗୁରୁଦେବ । ଆଉ ଦୂରକୁ ଠେଲି ଦିଅନ୍ତୁନି ।

- ତୁ ସବୁବେଳେ ପରା ମୋ ଠାରେ । ତୋ ଆଉ ମୋ ଭିତରେ ଏହି ମାଟି ଶରୀର କେବେ ବାଡ ହେଲା?

- ମୁଁ କିନ୍ତୁ ଆଉ ପାରିବିନି ।

- ପାଗେଳା ପୁଅଟା ମୋର । ତୁ ଯାହା କଲୁ ମୋରି ଇଚ୍ଛା ଯୋଗୁଁ ତ କଲୁ ?

- ମୋତେ ନେଇ ଚାଲନ୍ତୁ ।

ହଠାତ୍ ଘର ଭିତରତା ନିଷ୍ଫଳ ଲାଗିଲା ମୋତେ । ସତେ ଯେମିତି ଅତଳ ଭୁଗର୍ଭ ଭିତରକୁ ଠେଲି ହେଇ ଯାଉଛି ମୁଁ, ଆଉ ମୋର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ମୋଠୁଁ ଦୂରେଇ ଯାଉଛନ୍ତି । ମୁଁ ପବନ ହେଇ ଖେଳେଇ ହେଇ ଯାଉଛି ସସାଗରା ଧରା ରେ । ଆଖି ଖୋଲିଲା ବେଳକୁ ସବୁ ଶେଷ । ସାଧୁ ବାବାଙ୍କ ଛାତିରେ ମୁଣ୍ଡ ରଖି ଶୋଇଛନ୍ତି ସମ୍ଭୁ ବାବା । ନିଶ୍ଚଳ ଶରୀର, ନିଶ୍ଚଳ ପରିବେଶ ।

ମୁଁ ଆଉ କିଛି ଦିନ ଆଶ୍ରମ ରେ ରହି ଫେରିଆସିଲି ।

****

- କଣ ଶୋଇ ପଡିଲେକି? ରାଘବ ମୋତେ ଟିକେ ହଲେଇ ଦେଇ ପଚାରିଲେ ।

- ନା । ଏତେ ମଜ୍ଜି ଜାଇଥିଲି ଯେ, ସବୁ ଭୁଲିଯାଇଥିଲି । ତାହାଲେ, ଶମ୍ଭୁ ବାବା କଣ ଜାଣି ପାରିଲେ ଯେ ତାଙ୍କ ଗୁରୁଦେବ ଶରୀର ତ୍ୟାଗ କରିବାକୁ ଯାଉଛନ୍ତି? ଆଉ ସେଇଥି ପାଇଁ ସେ ଏଠୁ ପୁରୀ ଗଲେ ?

- କିଏ କହିବ ? ତେବେ ସୁକ୍ଷ୍ମ ସ୍ତରରେ ଭାବ ଆଦାନ ପ୍ରଦାନ କଥା କିଛି ବିଚିତ୍ର ନୁହେଁ । ଚାଲନ୍ତୁ, ସନ୍ଧ୍ୟା ଆରତୀ ସମୟ ହେଲାଣି ।

ଏତେ ଛବି ଯେଣୁ ଏକାଧାରେ ଠୁଳ
ଛବିଳ-ଉତ୍‌ଳେ ତୋ ଛବି ଅତୁଳ ।

ଆଳତି ପରେ ମୁଁ ଶମ୍ଭୁ ବାବାଙ୍କ କୁଡିଆ ଭିତରକୁ ଗଲି । କୁଡିଆଟି ପ୍ରାୟ୍
ବନ୍ଦ ଢ଼ି ଥାଏ । ଛୋଟ କୋଠରି ଟିଏ । ୮ଫୁଟ୍ ରେ ୧୦ଫୁଟ୍ ହେବ । ଦୁଇଟି ଝରକା, ଗୋଟିଏ ଅଧାଖୋଲା ଥାଏ । ଘର ଭିତରେ ପୂଜା ଖଟୁଲି ଟିଏ, ଦୀପ ଟିଏ ଜଳୁଛି । ଖଟୁଲି ଉପରେ ଦୁଇଟି ଫୋଟୋ, ତଳେ ଆଉ ଗୋଟିଏ । ମୋତେ ଅନ୍ଧାରରେ ଏତେଟା ସ୍ପଷ୍ଟ ଦିଶୁନଥାଏ । ପାଖକୁ ଗଲି, ଆଣ୍ଠୁ ମାଡି ବସି ପଡୁ ପଡୁ ଯାହା ଦେଖିଲି ବିଶ୍ୱାସ କରି ପାରିଲି ନାହିଁ । ଫୋଟୋ ଉପରୁ ଆଖି ଖସୁ ନଥିଲା । ଗୋଟେ ଫୋଟୋ ମା କାଳୀର ସନାତନୀ ରୂପ, ଆଉ ଗୋଟିଏ ସ୍ୱୟଂ ମୋ ଗୁରୁଦେବଙ୍କର । ତଳ ଫୋଟୋଟି ଗୋଟେ ପରିବାରର, ବାପ, ମା ଆଉ ଭାଇ ଭଉଣୀକୁ ନେଇ । ସେଇ ଫୋଟୋ ମୋତେ ହଠାତ୍ ଚିହ୍ନା ଚିହ୍ନା । ଲାଗିଲା । ବୋଉର ପୁଟୁଲିରେ ବନ୍ଧା ସତ୍ତି ଭିତରୁ ଗୋଟିଏ । ମୋ ଆଖିରେ ଲୁହ ରହିଲା ନାହିଁ । ଠକ୍, ଠକ୍ ହେଇ ଖସି ପଡିଲା ତଳେ ମୋ ଅଜାଣତରେ ।

ମୋ ପୂଜ୍ୟ ଗୁରୁଦେବ, ମୋ ଗୁରୁ ଭାଇ ଶମ୍ଭୁ ବାବା, ଆଉ ମୋ ନିଜର ମାମୁଁ ସମସ୍ତଙ୍କ ଉଦ୍ଦେଶ୍ୟ ପ୍ରଣାମ ଜଣେଇଲି । ମୋତେ ସବୁ କିଛି ସ୍ପଷ୍ଟ ଦିଶୁଥାଏ ।

ରାଘବ ବାହାରେ ଛିଡା ହେଇ ଥିଲେ, ମୁ କୁଡିଆରୁ ବାହରି ଆସୁଛି,
ପଚାରିଲେ, "ଅଭି କେତେ ଦିନ ରହିବେ ?"
- ମୁଁ ହସୁ ହସୁ କହି ପକେଇଲି, ଆପଣ କୁହନ୍ତୁ !

ସେ ଚାହିଁ ରହିଥିଲେ । ଟିକେ ହସ ଖେଳିଆସୁଥିଲା ତାଙ୍କ ଓଠରୁ । ହିମାଳୟରୁ ଦେବ ଦେବୀ ଓହ୍ଲେଇ ଆସି ଆମକୁ ଆଶିର୍ବାଦ କରୁଥିଲେ ।

ତାଙ୍କ ହାତକୁ ଜାବୁଡି ଧରିଲି ମୁଁ ... ଶୀତଳ ପବନ ମୋ ମୁହଁ ରେ ଘସି
ହେଇ ଆଗକୁ ବଢି ଯାଉଥିଲା, ବହୁତ କାମ ବାକି ଅଛି ଯେ ।

-- 0 --

Computing for the Masses: an Enabler for Enduring Development

Priyadarsan Patra
Portland, Oregon
President, SEEDS

India is the second fastest growing major economy in the world, with a GDP growth rate of 8.1% at the end of the first quarter of 2005-2006. The primary contributor of the growth has been the rapidly growing software sector: Revenues from the information technology industry reached a turnover of $16.2 billion in 2004-05. India's IT (Software) exports experienced a record 36% yearly growth to $22.5 billion in 2005-06. Many Indian IT companies find their homes in cities such as Bangalore – India's 'Silicon Valley' – and Hyderabad often touted as 'Cyberabad', and Pune. Even my state Orissa has its Software Technology Park of India (STPI) and Software City in Bhubaneswar.

ବହୁଦିନ ଭ୍ରମି ଭ୍ରମି ଅବିରତେ
ଦେଖିଲଇଁ ନାନା ସ୍ଥାନ ଭୂଭାରତେ ।

The STPI registered units from the state of Karnataka pulled off an IT export at Rs 370 billion, followed by Maharashtra at Rs 155 billion, and Tamil Nadu at Rs 139.60 billion. And, Andhra Pradesh posted her software exports at Rs 1250 billion. What can Orissa learn from this? More importantly, what does all this mean to an average Indian and, particularly, to the Orissa's desperately poor? Why has the apparent prosperity not 'trickled' down to the masses? I think it is due to a lack of "foundational capacity". In this article, I discuss the ecosystem and the needs, then an experiment being undertaken, followed by exposition of the benefits and potentials, and finally the pitfalls.

India in general and Orissa in particular face a great challenge in bringing IT and its economic benefits to the common people. Simply put, the challenge is to turn the *Digital Divide* into a *Digital Provide*. The changes brought about by Information and Communication Technologies (ICT) are rapid and potentially ubiquitous. The uneven diffusion of this fast-changing technology has caused the digital divide within (and between) the countries. States or countries which do not adopt in and adapt to these changes will be marginalized, widening the digital divide. A careful planning by poorer states would decide if ICT would bring economic growth for them or push them deeper into technological isolation. In fact the booming software industry of India is concentrated in few cities such as Bangalore, Delhi, Mumbai, Pune, Chennai, Hyderabad and Calcutta -- a clear reflection of the initiative taken in respective states to promote IT sectors and the application of computers.

(

Speaking at the National e-Governance Conference, 2005 in Orissa, the Union Minister Dayanidhi Maran said, "Our government has a dream to empower people to better their lives and have access from their village to economic opportunities within the country and globally…Do we have all the skills and capabilities needed to realize these goals?… We must recognize that PC penetration in the country is low, telecommunication connectivity, though rapidly rising, is still low in per capita terms (around 8%) and IT literacy is even lower…" This clearly points to a lack of and a strong need for "capacity building".

The Ecosystem:

A primary mover behind the IT-powered knowledge economy, and perhaps even social change in modern societies, is Personal Computing (PC). PC penetration is estimated to be 9 per 1,000 persons in India. The highest potential in PC penetration is demonstrated by regions of Delhi and Chandigarh followed by Goa. Delhi and Chandigarh have all the favorable parameters (income, urbanization and services). However, the penetration in the highly populated states such as Bihar, Orissa and Uttar Pradesh is very poor as these states suffer from lack of the driving parameters of PC penetration such as income level, IT education, and awareness. In this article, we look at several of the reasons why grassroots penetration of computing and communication technologies is so important for *bootstrapping* and *leapfrogging* of development.

Teledensity is an attribute combining telephones, internet users, and cell subscribers per every 100 people. The following table lists the attribute for many states versus the national average.

The implications for Orissa in this context are tremendous. In fact, a much localized successful attempt at introduction of ICT for the people is the case of the Bhubaneshwar Development Authority in Orissa setting up kiosks that map the city using GIS. Citizens can now check on the status of existing schemes for housing, commercial and industrial projects without depending on middlemen.

କି ଉତ୍ତରାଖଣ୍ଡ କି ଦକ୍ଷିଣାପଥ
ଭ୍ରମିଲି ମୁଁ ଭାଗ୍ୟବଶେ ଚକ୍ରବତ ।

There are several union government initiatives poised to take off, with the infused cash from a toll levied on software exports. The high-tech industry is a willing partner in this because of their fear of shortage of qualified manpower. The civil society and volunteering citizenry must take advantage of this opportune confluence.

An Experiment:

Rural Orissa is a perfect test bed for propagation of education through "computing for masses" or CFM, for short. Access to internet and productivity software can easily be provided by a single server with several cheap terminals. There are dramatic advantages to this idea of computing: lower system maintenance and administration costs, reduced hardware costs by using old, donated PCs as thin clients, open-source software availability, and quite importantly, a mechanism to create linkage between technical colleges and counter-part schools for common socially-conscious projects. Sustainable

State-wise Teledensity

	Teledensity		
	URBAN	**RURAL**	**TOTAL**
Delhi	30.2	0	26.9
Punjab	25.7	4.6	11.6
Kerala	23.7	7.9	11.1
Andaman & Nicobar	15	7.7	9.6
Maharashtra	19.3	2.2	9
Himachal Pradesh	39.6	5.4	8.4
Tamil Nadu	15.2	2.1	7.8
Gujarat	17.8	2.5	7.4
Karnataka	15.8	2.4	6.5
Haryana	16.5	2.3	6.1
Andhra Pradesh	16.5	2	5.6
Uttaranchal	12.6	1.3	4
West Bengal	11.5	0.9	3.7
Rajasthan	11.3	1.3	3.4
Madhya Pradesh	10.2	0.6	2.9
Jammu & Kashmir	8.3	0.5	2.5
Orissa	11.3	0.9	2.2
India Average	**15.2**	**1.5**	**5**

*As of 31 March 2003 **Source:** Ministry of Communications and Information Technology

ଭାରତର ରତ୍ନ-ସୀମନ୍ତ-ଅଚଳ
ଦେଖିଲି ହିମାଦ୍ରି ହିମ-ଉର୍ଦ୍ଧସ୍ୱଳ ।

Economic and Educational Development Society (SEEDS) has transferred the idea and provided financial support to JITM (Jagannath Institute of Technology and Management) in Paralakhemundi to explore this vision of appropriate technology and knowledge-economy preparedness for the digital have-nots. As further detailed at the website **www.seedsnet.org**, we are exploring Paralakhemundi, Nabarangpur area of KBK region and the Bajirout Chattrabas of Dhenkanal as the initial experimental sites. We hope that once we show some benefits and open some possibilities in a few less-privileged schools, the community and other development entities will take it further and spread. The website above includes a recipe for a prototype that may be emulated.

We are promoting *self-help groups* of beneficiaries consisting of the parents, students, and teachers. These self-help groups are supported by the technical knowledge and enthusiasm of students and staff of a nearby engineering college or school. We provide a model, a system and some financial support to guide the development of the "computing for masses" network. We try to imbibe a genuine interest and elicit commitment from the self-help group before deployment of our system at the target school, possibly culminating from a competition between multiple qualified groups/schools. We hope this increases the chances of long-term success -- through a shared stake-holding. In the following, we discuss the many implications and potential benefits of this technology-enabled socioeconomic and educational development.

The Benefits:

Micro enterprise is all about how to take the things we have--labor, raw materials, and skills – and make the things we want and sell for a profit. How do lakhs of independent, dispersed consumers tell thousands of independent, dispersed producers exactly what they want, so collectively they don't make too many nuts and too few bolts? Information, especially involving prices, makes this amazing coordination possible. Information and Communication Technology (ICT) is what can grease the wheels of this market economy. More sophisticated technologies such as networked computers could automate the search for prices, labor or employment opportunities, while assuring better matching and reducing search time and costs Thus ICT (communication and computation is so closely intertwined that we would use ICT and IT synonymously) can help generate income and a capacity to buy from the basic food to healthcare to quality education.

According to a recent report, it costs a bank Rs 1.2 million and a huge running cost to set up a one-man branch in rural India. Believe it or not, farmers of a remote village in Honavar, 600 km away from Bangalore, are using ATM machines, linked wirelessly to servers at participating banks. A mobile ATM is hauled on a van meandering though a cluster of villages offering thousands of farmers a first-time experience of many basic modern banking facilities. The cost of a mobile ATM is estimated at Rs 1.2 million but its infrastructure is usable for many villages, across taluks and many banks, making it cost-effective.

The very premise of Right To Information (RTI) Act of India (operational since October 2005) is the power of IT. RTI promises to reduce corruption, develop governmental transparency, and empower the common citizens through their ability to inspect and take notes or certified copies of government works, and official documents, records, etc., cost-effectively. But much of this information is stored, processed and delivered through electronic techniques, the stuff of IT.

ICT has a tremendous potential in education as well. If properly harnessed, it can provide a

ପାଦେ କୋଟି କୋଟି ଶିଖରି ସମାଜ
ସର୍ବୋଚ୍ଚେ ଶୋଭନ୍ତି ଶୁଭ୍ର ଶୈଳରାଜ ।

content-rich, educational environment for young and adults alike. This also opens up the opportunity of open-access distance learning for working adults and the associated man-power development. An experiment called "Hole in the Wall," put an Internet kiosk in a poor Indian neighborhood with surprising results; children who could not read or write immediately took to the computer, figuring out how to use it with no instruction at all. Orissa could benefit from its children skilled in modern technology and ready for the competitive higher educational institutions, guaranteeing skilled workforce to the technology firms being roped in. This can make possible school- or college-level distance lectures from experts around the world in real-time or through stored information servers.

